୧୯ ଅକ୍ଟୋବର ୨୦୨୫ ରବିବାର

# ସମୟ ଡଲଫି



ସ୍ତରରେ

## ଓଡ଼ିଆ ରିମେକ୍



## ନିକଟରେ ଓଡ଼ିଆ ଫିଲ୍ମ ବୋଉ ବୁଟୁ ଭୂତ ବେଶ୍ ଚର୍ଚ୍ଚା ସାଉଁଟିଛି । ଓଡ଼ିଶାରେ ଲୋକପ୍ରିୟ ହେବାପରେ ଜାତୀୟସ୍ତରରେ ଏହାକୁ ରିମେକ କରିବାକୁ ଯାଉଛି ଧର୍ମା ପ୍ରଯୋଜନା ସଂସ୍ଥା, ଯାହା ଏହାର ଲୋକପ୍ରିୟତାକୁ ଦ୍ୱିଗୁଣିତ କରିଛି ।

ଧୀରେଧୀରେ ଓଡ଼ିଆ ଫିଲ୍ମକୁ ମିଳୁଛି ଭଲପାଇବା । ରାଜ୍ୟ ସ୍ତରୀୟ ହେଉ ଅବା ଜାତୀୟସ୍ତରୀୟ ସବୁଠାରେ ପ୍ରଶଂସା ସାଉଁଟୁଛି ବିଭିନ୍ନ ଓଡ଼ିଆ ଫିଲ୍ମ । ନିକଟରେ ମୁକ୍ତିଲାଭ କରିଥିଲା ବାବୁସାନ, ଅପରାଜିତା ମହାନ୍ତି ଓ ଅର୍ଚ୍ଚିତାଙ୍କର ଫିଲ୍ମ ବୋଉ ବୁଟୁ ଭୂତ । ଯାହାର କାହାଣୀ ରହିଥିଲା ନିଛକ ଏକ ଓଡିଆ ଗାଁର କାହାଣୀ । କିଭଳି ଗାଁରେ ଗୁଣି ଗାରେଡିକୁ ନେଇ ଅନ୍ଧବିଶ୍ୱାସ ରହିଛି ଏବଂ ଏହି ଅନ୍ଧ ବିଶ୍ୱାସ ପାଇଁ ଅନେକ ପରିବାର ନଷ୍ଟ ହୋଇଯାଉଛି ତାହାକୁ ନେଇ କାହାଣୀ ଗତିଶୀଳ । ଏଥିରେ ଅପରାଜିତା ମହାନ୍ତିଙ୍କର ଖୁବ ଭଲ ନିଖୁଣ ଅଭିନୟ ଦେଖିବାକୁ ମିଳିଛି । କିଛି ସମୀକ୍ଷକଙ୍କ ମତରେ ଅପରାଜିତାଙ୍କ କ୍ୟାରିୟରେ ଏହା ସବୁଠାରୁ ଭଲ ଅଭିନୟ । ବାବୁସାନ ଓ ଅପରାଜିତାଙ୍କ ଅଭିନୟ ମଧ୍ୟ ଫିଲ୍ମକୁ ଜୀବନ୍ତ କରିଥିଲା । ଫିଲ୍ମଟି ଓଡିଆ ଇଣ୍ଡଷ୍ଟ୍ରୀ ପାଇଁ ଏକ ସାହାରା ପାଲଟିଥିଲା, ଯାହାକୁ ଧରି ଏହା ପୁଣିଥରେ ଅଣ୍ଟା ସଳଖି ଠିଆ ହେବାରେ ଲାଗିଥିଲା । ହଲରେ ଦର୍ଶକ ଏହାକୁ ଖୁବ ଭଲ ପାଇବା ଦେଇଥିଲେ । ଏତେଦିନ ପରେ ଏକ ଭଲ ଓଡିଆ ଫିଲ୍ମ ରିଲିଜ୍ ହୋଇଥିବା ନେଇ ସମୀକ୍ଷକମାନେ ମତ ଦେଇଥିଲେ ।

୨୦୨୫ ମସିହାରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମର ପ୍ରଯୋଜନା କରିଥିଲେ ତୃପ୍ତି ଶତପଥୀ । ବାବୁଶାନ ଫିଲ୍ମସ୍ ଅଧୀନରେ ନିର୍ମିତ ଏହି କଥାଚିତ୍ରଟିର କାହାଣୀ ଓ ଚିତ୍ରନାଟ୍ୟ ରଚନା କରିଥିଲେ ମହମ୍ମଦ ଇମ୍ରାନ । ପ୍ରଣବ ପ୍ରସନ୍ନ ରଥ ଏହି ଫିଲ୍ମର ସଂଳାପ ରଚନା କରିଥିଲେ । ଜଗଦୀଶ ମିଶ୍ର ଏହାର ନିର୍ଦ୍ଦେଶନା ଦେଇଥିଲେ । ସେହିଭଳି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ବାବୁଶାନ ଓ ଅର୍ଚ୍ଚିତା ସାହୁ । ଅପରାଜିତା ମହାନ୍ତି ଏହାର ଏକ ପ୍ରମୁଖ ଭୂମିକାରେ ଅଭିନୟ କରିଥିଲେ । ମଙ୍ଗୁ କୁମାର ସାହୁ, ଜଗନ୍ନାଥ ସେଠ, ଚୌଧୁରୀ ଜୟପ୍ରକାଶ ଦାସ, କୃଷ୍ଣା କର, ରବି ମିଶ୍ର, ଅନୁଗୁଳିଆ ବଣ୍ଟି, ଉଦିତ ଗୁରୁ ଆଦି କଳାକାରମାନେ ଏହି ଫିଲ୍ମର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ । ସମସ୍ତଙ୍କ ମିଳିତ ପରିଶ୍ରମରେ ଫିଲ୍ମଟିକୁ ମିଳିଛି ସଫଳତା । ଦର୍ଶକଙ୍କ ମହଲରେ ଖୁବ ଆଦୃତ ଲାଭ କରିଛି ଫିଲ୍ମଟି । କେବଳ ଏହାର କାହାଣୀ ନୁହେଁ ଏହାର ଗୀତ ମଧ୍ୟ ଦର୍ଶକଙ୍କ ମନକୁ ଖୁବ ଛୁଇଁଥିଲା । ଏହାର କିଛି ଡ୍ୟାନ୍ସ ନମ୍ବର ଗୀତ ପୂରା ଓଡ଼ିଶାରେ ବେଶ୍ ଆଦୃତ ଲାଭ କରିଥିଲା । ଏହି ଫିଲ୍ମର ଆୟ ମଧ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ଫିଲ୍ମ ରିଲିଜର ୬ଦିନ ମଧ୍ୟରେ ସାତ କୋଟିର ଆୟ କରିଥିଲା । ଯାହା ଏହାର ସଫଳତାକୁ ଦର୍ଶାଇଥିଲା । ନବେଦଶକ ପରେ ଓଡ଼ିଆ ଫିଲ୍ମର ସ୍ୱର୍ଣ୍ଣିମ ଯୁଗରେ ଯେପରି ଅନ୍ତ ଘଟିଥିଲା । ହଲରେ ଓଡ଼ିଆ ଫିଲ୍ମର ମରୁଡି ପଡିବାରେ ଲାଗିଥିଲା । ହେଲେ ବୋଉ ବୁଟୁ ଭୂତ ଭଳି ଅନେକ ସିନେମା ଆସିବାରେ ଲାଗିଛି ଯାହା








ଓଡିଆ ଫିଲ୍ମର ବିକାଶ ଧାରାକୁ ଉପରକୁ ନେଇଛି । ପୁଣି ଲୋକ ଓଡିଆ ଫିଲ୍ମ ଦେଖିବାକୁ ହଲକୁ ଯାଇଛନ୍ତି । ଏବେ ବି ଓଡିଆ ଫିଲ୍ମ ଓ କଳାକାରଙ୍କ ପାଖରେ ଏହି ଗୁଣ ରହିଛି ଯାହା ଦର୍ଶକଙ୍କୁ ହଲରେ ବାନ୍ଧି ରଖିପାରିବ ବୋଲି ଏହି ଫିଲ୍ମଟି ସମସ୍ତଙ୍କୁ ଚେତାଇ ଦେଇଛି । ଦର୍ଶକଙ୍କୁ ଯଦି ନିଛକ ଓଡିଆ କାହାଣୀ ଭେଟି ଦିଆଯାଏ ତେବେ ସେମାନେ ହଲକୁ ଫେରିବେ ବୋଲି ଏହି ଫିଲ୍ମ ପ୍ରମାଣିତ କରିପାରିଛି ।

## ହିନ୍ଦୀରେ ହେବ ରିମେକ


ବୋଉ ବୁଟୁ ଭୂତ ଫିଲ୍ମକୁ ଦର୍ଶକଙ୍କର ଅନାବିଳ ପ୍ରେମ ପରେ ଆଉ ଏକ ସଫଳତା ମିଳିଛି, ଯାହା ଏହାର ପାରିଦର୍ଶିତାର ଆଉ ଏକ ପ୍ରମାଣ ଭାବେ ଉଭା ହୋଇଛି । ହିନ୍ଦୀରେ ଏହି ଫିଲ୍ମର ରିମେକ ହେବ ଏବଂ ଏହାକୁ ପ୍ରସ୍ତୁତ କରିବ ବଲିଉଡର ପରିଚିତ ପ୍ରଯୋଜନା ସଂସ୍ଥା ଧର୍ମା ପ୍ରଡକସନ୍ । କରଣ ଜୋହରଙ୍କ ପ୍ରଯୋଜନା ସଂସ୍ଥା ଏନେଇ ଘୋଷଣା କରିବା ପରେ ଓଡିଆ ଦର୍ଶକଙ୍କର ଖୁସି କହି ଲେ ନସରେ । ସମସ୍ତେ ବୋଉ ବୁଟୁ ଭୂତର ଏହି ସଫଳତା ପାଇଁ ପୂରା ୟୁନିଟ୍କୁ ଖୁବ ପ୍ରଶଂସା ସହ ଶୁଭେଚ୍ଛା ଜଣାଇବାର ଲାଗିଛନ୍ତି । ଏଭଳି ସଫଳତା ପାଇବାରେ ଏହି ଓଡିଆ ଫିଲ୍ମଟି ହେଉଛି ପ୍ରଥମ । ପ୍ରଥମ କରି ଏଭଳି ସଫଳତା ପାଇବା ପରେ ଏହାର ପୁରା ଟିମ ଖୁବ ଖୁସି ଅଛନ୍ତି । ଧର୍ମା ପ୍ରଯୋଜନା ସଂସ୍ଥା ଭଳି ବଡ ସଂସ୍ଥା ଏହାକୁ ପ୍ୟାନ ଇଣ୍ଡିଆ ରିଲିଜ୍ ପାଇଁ ମଧ୍ୟ ଯୋଜନା କରିଥିବା ଶୁଣିବାକୁ ମିଳୁଛି । ଧର୍ମା ପ୍ରଯୋଜନା ସଂସ୍ଥା ଫିଲ୍ମକୁ ରିମେକ କରିବ ବୋଲି ଜଣା ପଡିବା ପରେ ଏହାର ଚର୍ଚ୍ଚା ଜାତୀୟ ସ୍ତରରେ ମଧ୍ୟ ଆରମ୍ଭ ହୋଇଛି । ଜାତୀୟ ଗଣମାଧ୍ୟମରେ ମଧ୍ୟ ଫିଲ୍ମକୁ ନେଇ ବହୁଳ ମାତ୍ରାରେ ଆଲୋଚନା ଆରମ୍ଭ ହୋଇଛି ।



## ଆଞ୍ଚଳିକ ଫିଲ୍ମ ପାଇଁ ନିଆରା ଅଭିଯାନ

ଧର୍ମା ପ୍ରଯୋଜନା ସଂସ୍ଥାର ବୋଉ ବୁଟୁ ଭୂତକୁ ରିମେକ କରିବା ପରେ ଏହି ସଂସ୍ଥାର ନିଆରା ଯୋଜନା ବିଶେଷଭାବେ ଚର୍ଚ୍ଚାକୁ ଆସିଛି । ଗତ କିଛି ମାସ ତଳେ ସଂସ୍ଥା ପକ୍ଷରୁ ଏକ ପ୍ରକଳ୍ପର ଘୋଷଣା କରାଯାଇଥିଲା, ଯାହା ଅଧିନରେ ସଂସ୍ଥା ଭାରତର କିଛି ଆଞ୍ଚଳିକ ଫିଲ୍ମକୁ ସଂସ୍ଥା ରିମେକ କରିବାର ଯୋଜନା ଆରମ୍ଭ କରିଥିଲା । ଏହି ପ୍ରକଳ୍ପରେ ସାମିଲ ହୋଇଛି ଓଡିଆ ଫିଲ୍ମ ବୋଉ ବୁଟୁ ଭୂତ । ଏହି ପ୍ରକଳ୍ପରେ କରଣ ଜୋହରଙ୍କ ସହିତ କାମ କରୁଛନ୍ତି ଆଦର ପୁନାୱାଲା । ଧର୍ମା ପ୍ରଡକସନ୍ ବଲିଉଡ ଫିଲ୍ମକୁ ବିଶ୍ୱସ୍ତରରେ ପରିଚିତ କରାଇବାପରେ ଆଞ୍ଚଳିକ ସିନେମାକୁ ଆଗକୁ ନେବାକୁ ଅଣ୍ଟା ଭିଡିଛନ୍ତି । ସେଥିପାଇଁ ଏହି ପ୍ରକଳ୍ପର ଆରମ୍ଭ କରାଯାଇଛି । ଆଞ୍ଚଳିକ ସିନେମାରେ ଥିବା ନିଛକ ଭାରତୀୟ କାହାଣୀକୁ ବିଶ୍ୱ ତଥା ଜାତୀୟ ସ୍ତରରେ ପରିଚୟ ଦେବାର ଏହା ହେଉଛି ଏକ ଖୁବ ଭଲ ମାଧ୍ୟମ । ଏହାଫଳରେ ଯେଉଁ ଆଞ୍ଚଳିକ ଚଳଚ୍ଚିତ୍ର ଗୁଡିକ ଭଲ ପ୍ଲାଟଫର୍ମ ଅଭାବରୁ ଜାତୀୟ ସ୍ତରରେ ପ୍ରଚାର ପ୍ରସାର ହେବାରୁ ବଞ୍ଚିଯାଉଛନ୍ତି, ସେଗୁଡିକ ଖୁବ ଉପକୃତ ହେବେ । ସେଥିପାଇଁ ସଂସ୍ଥା ପକ୍ଷରୁ ଏକ ନୂଆ ଯୋଜନା କରାଯାଇଛି ଯେଉଁଥିରେ ବିଭିନ୍ନ ଆଞ୍ଚଳିକ ଭାଷା ଯେପରି ତେଲୁଗୁ, ତାମିଲ, ମରାଠି, ମାଲାୟଲମ, ପଞ୍ଜାବି, କନ୍ନଡ, ଓଡିଆ ଆଦି ସାମିଲ ରହିଛି । ଏହାସହିତ ଧର୍ମା କମ୍ପାନୀ ପକ୍ଷରୁ କିଛି ବଡ ସିଟି ଯେପରି ଦିଲ୍ଲୀ, ପଞ୍ଜାବ, ହାଇଦ୍ରାବାଦ ଓ ଚେନ୍ନାଇ ଭଳି ସହରରେ ନିଜର ଆଞ୍ଚଳିକ କାର୍ଯ୍ୟାଳୟ






ଖୋଲିବାର ଯୋଜନା ମଧ୍ଯ କରାଯାଉଛି । ଏହାସହ କିଛି ବରିଷ୍ଠ କର୍ମକର୍ତ୍ତାଙ୍କୁ ମଧ୍ୟ ନିୟୋଜିତ କରାଯାଉଛି ଯେଉଁମାନେ ଏହି ପ୍ରକ୍ରିୟାକୁ ସଠିକ ଢଙ୍ଗରେ ଆଗକୁ ନେଇପାରିବେ । ତେବେ ଏଥିରେ ଧର୍ମା ପ୍ରଡକସନ୍ ହାଉସର ମଧ୍ଯ ଖୁବ ଲାଭ ରହିଛି। ବର୍ତ୍ତମାନ ଯୁଗକୁ ଓଟିଟିର ଯୁଗ କହିଲେ ଭୁଲ ହେବା ନାହିଁ । ଲୋକମାନେ ହଲ ଠାରୁ ବେଶି ଓଟିଟିରେ ଫିଲ୍ମ ଦେଖିବାକୁ ଭଲ ପାଉଛନ୍ତି । ଘରେ ବସି ମୋବାଇଲରେ ବିଭିନ୍ନ ଓଟିଟି ପ୍ଲାଟଫର୍ମରେ ବିଭିନ୍ନ ଫିଲ୍ମ ଓ କଣ୍ଟେଣ୍ଟ ଦେଖିପାରୁଛନ୍ତି। ଯାହାଫଳରେ ଆଞ୍ଚଳିକ ସିନେମାକୁ ବର୍ତ୍ତମାନ ଖୁବ ଅଧିକମାତ୍ରାରେ ଦର୍ଶକ ମିଳିବାରେ ଲାଗିଛନ୍ତି । ସବ୍ ଟାଇଟଲ ସହାୟତାରେ ଭିନ୍ନଭିନ୍ନ ଆଞ୍ଚଳିକ ଭାଷାର ଦର୍ଶକ ବଢିବାରେ ଲାଗିଛନ୍ତି । ଯାହାର ବ୍ୟବହାର ବଲିଉଡର ଏଭଳି ବଡବଡ ପ୍ରଯୋଜନା ସଂସ୍ଥା କରିବା ପାଇଁ ଆଗକୁ ଆସିଛନ୍ତି ।

**ଲମ୍ବା ରହିଛି ତାଲିକା**


କେବଳ ଧର୍ମା ପ୍ରଡ୍କସନ୍ ହାଉସ ନୁହେଁ ଆହୁରି ଅନେକ ପ୍ରଯୋଜନା ସଂସ୍ଥା ରହିଛନ୍ତି ଯେଉଁମାନେ ଭାରତର ବିଭିନ୍ନ ଆଞ୍ଚଳିକ ସିନେମାକୁ ପ୍ରଯୋଜନା କରିବାକୁ ଆଗକୁ ଆସୁଛନ୍ତି। ଯାହାଫଳରେ ଭାରତରେ ଥିବା ଆଞ୍ଚଳିକସିନେମାର ଉତ୍ତରୋତର ଉନ୍ନତି ଦେଖିବାକୁ ମିଳୁଛି । ଦର୍ଶକଙ୍କୁ ଖୁବ ଭଲଭଲ କାହାଣୀ ବିଭିନ୍ନ ଭାଷାରେ ଦେଖିବାକୁ ମିଳୁଛି । ଏହା ଫଳରେ ପୂରା ଭାରତୀୟ ସିନେ ଜଗତର ଉନ୍ନତ୍ତି ହେବାରେ ଲାଗିଛି ।

## ପଞ୍ଜାବୀ

ଧର୍ମା ପ୍ରଡକସନ୍ ହାଉସ କେବଳ ଓଡିଆ ଫିଲ୍ମ ବୋଉ ବୁଟୁ ଭୂତ ନୁହେଁ ଆହୁରି ଅନେକ ଆଞ୍ଚଳିକ ଫିଲ୍ମକୁ ସମର୍ଥନ କରିଥିବାର ସୂଚନା ରହିଛି । ଏଥିର ପଞ୍ଜାବୀ, ତେଲୁଗୁ, ତାମିଲ ଆଦି ସାମିଲ ରହିଛି । କରଣ ଜୋହରଙ୍କ ଧର୍ମା ପ୍ରଡକସନ୍ ହାଉସ ନିଜର ବଲିଉଡ ବ୍ଲକବଷ୍ଟର ପାଇଁ ବେଶ୍ ପରିଚିତ । ତେବେ ଏହାର ନୂଆ ଯୋଜନା ଅଧୀନରେ ପଞ୍ଜାବୀ ଫିଲ୍ମ ଅକାଲର ପ୍ରଯୋଜନାର ଦାୟିତ୍ୱ ନେଇଥିଲେ କରଣ ଜୋହର । ଆଦିର ପୁନେୱାଲାଙ୍କ ସହ ମିଶି କରଣ ଏହି କାର୍ଯ୍ୟ ସମାପନ କରିଥିଲେ । ଏହି ଫିଲ୍ମକୁ ପ୍ରଯୋଜନା କରି ପଞ୍ଜାବୀ ଫିଲ୍ମକୁ ଏକ ନୂଆ ଦିଗ ଦେଇଥିଲା ଧର୍ମା ପ୍ରଡକସନ୍ । ପଞ୍ଜାବୀ ଫିଲ୍ମର ଦର୍ଶକଙ୍କ ସଂଖ୍ୟା ବର୍ତ୍ତମାନ ଧୀରେଧୀରେ ବଢିବାରେ ଲାଗିଛନ୍ତି । ଯାହାକୁ ଆଖିରେ ରଖି କରଣ ଜୋହରଙ୍କ ସଂସ୍ଥା ଏହି ନିଷ୍ପତ୍ତି ନେଇଥିବା ଜଣା ପଡିଛି ।

## ମରାଠି

ଲଭ୍ ରଞ୍ଜନ ଓ ଅଙ୍କୁର ଗର୍ଗଙ୍କର ଲଭ୍ ଫିଲ୍ମ ପ୍ରଯୋଜନା ସଂସ୍ଥା ଏକଧୀକ ହିନ୍ଦୀ ସିନେମାର ପ୍ରଯୋଜନା କରିଛି । ତେବେ ଏହାସହିତ ବର୍ତ୍ତମାନ ଏହି ସଂସ୍ଥା ମରାଠି ଇଣ୍ଡଷ୍ଟ୍ରୀରେ ମଧ୍ଯ ପାଦ ଦେଇଛି । ଫିଲ୍ମ ଦେବମାନୁଷ ଫିଲ୍ମକୁ ପ୍ରଯୋଜିତ କରିଛି ଲଭ୍ ଫିଲ୍ମସ, ଯେଉଁ କାରଣରୁ ଏହି ଆଞ୍ଚଳିକ ଫିଲ୍ମକୁ ଏକ ବଡ ବ୍ୟାନର ମିଳି





ପାରିଛି । ଯାହା ଏହାର ବିଭିନ୍ନ ପ୍ରକାର ଦିଗରେ ଉନ୍ନତି କରିଛି ।

## ତାମିଲ

ବଲିଉଡ ଅଭିନେତାରୁ ପ୍ରଯୋଜକ ସାଜିଥିବା ହରମନ ବାୱେଜା ତାମିଲ ଫିଲ୍ମରେ ଆଞ୍ଚଳିକ ଫିଲ୍ମକୁ ସପୋର୍ଟ କରୁଥିବାର ଦେଖିବାକୁ ମିଳୁଛି । ତାମିଲ ସିନେମା ସବୁବେଳେ ଏହାର ରୋଚକ ଓ ବଳିଷ୍ଠ କାହାଣୀ ପାଇ ପରିଚିତ । ବକ୍ସ ଅଫିସରେ ଦର୍ଶକ ଏହାକୁ ଖୁବ ଭଲ ପାଇବା ଦେଇଥାଆନ୍ତି । ତେଣୁ ହରମନ ଏହି ଇଣ୍ଡଷ୍ଟ୍ରୀକୁ ନିଜର ପ୍ରଯୋଜନା ସଂସ୍ଥା ପାଇଁ ଚୟନ କରିଥିବା ନେଇ ଅନେକ ସାକ୍ଷାତକାରରେ ମତ ଦେଇଛନ୍ତି ।

## ଆଞ୍ଚଳିକ ଚଳଚ୍ଚିତ୍ରର କମାଲ


୨୦୨୪ ଓ ୨୫ରେ ଏଭଳି ଅନେକ ଓଡିଆ ଫିଲ୍ମ ରିଲିଜ୍ ହୋଇଛି ଯାହା ଜାତୀୟ ସ୍ତରରେ ଆଦୃତି ଲାଭ କରିଛି । ଏହି ଫିଲ୍ମ ଗୁଡିକ ଦର୍ଶକଙ୍କୁ ହଲକୁ ଟାଣିବାରେ ସଫଳ ହୋଇଛି । କିଛି ଫିଲ୍ମ ନିଜର କାହାଣୀ ଓ ଅଭିନୟ ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ସମ୍ମାନିତ ମଧ୍ୟ ହୋଇଛି । ଏହି ତାଲିକାରେ ସାମିଲ ଅଛନ୍ତି ଏକାଧିକ ଫିଲ୍ମ । ସବୁଠାରୁ ଆଗରେ ରହିଛି ଚଳଚ୍ଚିତ୍ର ପୁସ୍କରା । ଏହି ଫିଲ୍ମଟି ଚଳିତ ଜାତୀୟ ପୁରସ୍କାରରେ ସମ୍ମାନୀତ ମଧ୍ୟ ହୋଇଛି । ଫିଲ୍ମଟିରେ ସବ୍ୟସାଚୀ ମହାପାତ୍ରଙ୍କୁ ଏକ ନିଆରା ଭୂମିକାରେ ଦେଖିବାକୁ ମିଳିଥିଲା । ଫିଲ୍ମଟିର କାହାଣୀ ଦର୍ଶକଙ୍କୁ ଖୁବ ପସନ୍ଦ ଆସିବା ସହିତ ଏହା ଜାତୀୟସ୍ତରରେ ବି ପ୍ରଶଂସାର ପାତ୍ର ହୋଇଛି । ଏହି କ୍ରମରେ ଆଉଏକ ଫିଲ୍ମ ହେଲା ଅନନ୍ତା, ଯେଉଁଥିରେ ଅନନ୍ତା ଭୂମିକାରେ ସବ୍ୟସାଚୀଙ୍କୁ ଦର୍ଶକ ଦେଖିଥିଲେ । ଓଡ଼ିଶାର ପ୍ରତିଟି ଘରେଘରେ ପରିଚିତ ଫକୀର ମୋହନ ସେନାପତିଙ୍କ ଉପନ୍ୟାସ ରାଣ୍ଡି ପୁଅ ଅନନ୍ତାକୁ ଆଧାରିତ କରି ନିର୍ମାଣ କରାଯାଇଥିଲା । ଦର୍ଶକ ଏହାକୁ ଖୁବ ଭଲପାଇବା ଦେଉଥିବା ଦେଖିବାକୁ ମିଳିଥିଲା । ସେହିଭଳି ଏହି ସମସ୍ତ ଓଡ଼ିଆ ଫିଲ୍ମ ଆୟ ମଧ୍ୟ ଖୁବ ଭଲ କରିଥିଲେ । ତେଣୁ ଏହାକୁ ଓଡିଆ ଫିଲ୍ମ ଇଣ୍ଡଷ୍ଟ୍ରୀର ପରିବର୍ତ୍ତନର ଧାରା ବୋଲି ସମ୍ବୋଧନ କରାଯାଉଛି । ସେହିପରି ନିକଟରେ ପରଦାକୁ ଆସିଛି ଅନୁଭବ ମହାନ୍ତିଙ୍କର ଫିଲ୍ମ ଚାରିଧାମ ଯେଉଁଥିରେ ବାପା ମାଙ୍କର ପ୍ରତି ସନ୍ତାନର କର୍ତ୍ତବ୍ୟକୁ ଖୁବ ନିଖୁଣ ଭାବେ ବର୍ଣ୍ଣନା କରାଯାଇଛି । ଏଥିରେ କିଭଳି ଜଣେ ପୁଅ ତାର ବାପା ମାଆଙ୍କୁ ଚାରିଧାମ ଯାତ୍ରା କରାଇଛି ସେ ବିଷୟରେ ବର୍ଣ୍ଣନା କରାଯାଇଛି । ଫିଲ୍ମଟିକୁ ଦର୍ଶକ ଖୁବ ଭଲପାଇବା ଦେଉଥିବା ଦେଖିବାକୁ ମିଳୁଛି । ସେହିଭଳି ଆଉ ଏକ ସିନେମା ଚାଲେଞ୍ଜରକୁ ମଧ୍ୟ ଦର୍ଶକ ଭଲପାଇବା ଦେଉଛନ୍ତି । ଏଥିରେ ଅର୍ଦ୍ଧେନ୍ଦୁ ଓ ଏଲିନାଙ୍କ ଯୋଡି ପରଦାରେ ଦେଖିବାକୁ ମିଳିଛି । ଆଉ ଏକ ଫିଲ୍ମ ଯାହା ବିଗତ ଦିନରେ ଓଡିଆ ଚଳଚ୍ଚିତ୍ର ତଥା ଓଲିଉଡକୁ ଜାତୀୟସ୍ତରରେ ପରିଚିତ କରାଇଥିଲା ତାହା ହେଉଛି ଫିଲ୍ମ ଦମନ । ୨୦୨୨ରେ ଓଡିଆରେ ରିଲିଜ ହୋଇଥିବା ଏହି ଫିଲ୍ମକୁ ପୁଣିଥରେ ମେକର୍ସମାନେ ୨୦୨୩ରେ ହିନ୍ଦୀରେ ରିଲିଜ କରିଥିଲେ । ଉଭୟ ଭାଷାରେ ଫିଲ୍ମକୁ ଦର୍ଶକ ଖୁବ ଭଲପାଇବା ଦେଇଥିଲେ । ସାରା ଭାରତରେ ଏହି ଫିଲ୍ମର ଖୁବ ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳିଥିଲା । କାହାଣୀଟି ନିଛକ ଓଡିଆ ଡାକ୍ତରଙ୍କର କାହାଣୀକୁ ନେଇ ପ୍ରସ୍ତୁତ କରାଯାଇଥିଲା । କିଭଳି ଜଣେ ଡାକ୍ତର ମାଲକାନଗିରିରେ କାମ କରିବା ସମୟରେ କେଉଁକେଉଁ ପରିସ୍ଥିତିର ସାମନା କରୁଛି, ତାକୁ ନେଇ କାହାଣୀର ନିର୍ମାଣ କରାଯାଇଥିଲା । ତେବେ କେବଳ ଓଡିଆ ନୁହେଁ ଏହିପରି ଅନେକ ଆଞ୍ଚଳିକ ଇଣ୍ଡଷ୍ଟ୍ରୀ ରହିଛି ଯେଉଁମାନେ ଦର୍ଶକଙ୍କ ମନକୁ ଲୋଭିବାରେ ଲାଗିଛନ୍ତି । ସେମାନେ ହଲକୁ ଦର୍ଶକଙ୍କୁ ଆଣିବାରେ ସଫଳ ହୋଇଛନ୍ତି । ବିଗତ ତିନିବର୍ଷର ରେକର୍ଡ ଦେଖିଲେ ବକ୍ସ ଅଫିସର ତଥ୍ୟ ମଧ୍ୟ ଏହି ବିଷୟ ସଂକ୍ରାନ୍ତରେ ଅନେକ କିଛି କହୁଛି । ୨୦୨୪ର ରିପୋର୍ଟ ଦେଖିଲେ ସମସ୍ତ ଆଞ୍ଚଳିକ ଫିଲ୍ମଙ୍କର ଆୟ ଖୁବ ଅଧିକ ରହିଛି । ଏପରିକି ଅନେକ ଫିଲ୍ମ ବଲିଉଡର ବଡ ବଡ ପ୍ରୋଜେକ୍ଟର ରେକର୍ଡ କାଟିଥିବା ନଜରକୁ ଆସିଛି । ଯାହା ଦର୍ଶାଇଛି କି ଲୋକମାନେ ଆଞ୍ଚଳିକ ଫିଲ୍ମକୁ ଭଲପାଇବା ଦେଉଛନ୍ତି । ତଥ୍ୟ ଅନୁସାରେ ହିନ୍ଦି ସିନେମାର ବକ୍ସ ଅଫିସ କଲେକସନ୍ ୨୦୨୩ରେ ୪୪ ପ୍ରତିଶତ, ୨୦୨୪ରେ ୪୦ ପ୍ରତିଶତ କମିଛି । ସେହିଭଳି ହିନ୍ଦି ସିନେମାରୁ ଡବିଂ ଫିଲ୍ମ କାଟିଦେଲେ ଏହାର ଆୟ ୩୭ ପ୍ରତିଶତ କମିଥିବା ନଜରକୁ ଆସୁଛି । ୨୦୨୪ରେ ବିଶେଷଭାବେ ସାଉଥ ଫିଲ୍ମ ଗୁଡିକ ହିନ୍ଦି ଫିଲ୍ମର କଲେକସନ୍ ଉପରେ ନକାରାତ୍ମକ ପ୍ରଭାବ ପକାଇଥିବା ଦେଖିବାକୁ ମିଳିଥିଲା । ତେଲୁଗୁ, ତାମିଲ, ମଲାୟଲମ, କନାଡା ଭାଷାର ଫିଲ୍ମ ଗୁଡିକ ବଲିଉଡ ଫିଲ୍ମଠାରୁ ୨୦ ପ୍ରତିଶତ ଅଧିକ ଆୟ କରିଥିବା ଜଣା ପଡିଥିଲା । ସାଉଥ ଇଣ୍ଡିଆର ଫିଲ୍ମ ଇଣ୍ଡଷ୍ଟ୍ରୀ ଯେପରି ବର୍ତ୍ତମାନ ମନୋରଞ୍ଜନ ମାର୍କେଟର ନୂଆ ଲିଡର ଭାବେ ଉଭା ହୋଇଛି ।











# କାଠୁରିଆ ଓ ଜଳଦେବତା

ଏହିଭଳି ଅନେକ ଗଳ୍ପ ଜେଜେମାର କାହାଣୀ ତାଲିକାରେ ସାମିଲ ରହିଛି । ସେଥିରୁ ଗୋଟିଏ ହେଲା କାଠୁରିଆ ଜଳଦେବତା ।ଆସନ୍ତୁ ଜାଣିବା କଣ ଏହି ଗପର ବିସୟ ବସ୍ତୁ ଏବଂ ଏହାର ନୀତିଶିକ୍ଷା ସମ୍ପର୍କରେ । ଏକଦା ଜଣେ କାଠୁରିଆ ଗୋଟିଏ ଗ୍ରାମରେ ରହୁଥାଏ । ସେ ସବୁଦିନ ଜଙ୍ଗଲକୁ ଯାଇ ଶୁଖିଲା ଓ ମରିଯାଇଥିବା ଗଛକାଟି ତାକୁ ବିକ୍ରି କରି ଚଳିଥାଏ । କାଠ ବିକ୍ରି କରି ଯାହା ଅର୍ଥ ରୋଜଗାର କରେ ସେଥିରେ ତାର ପରିବାର ଭରଣ ପୋଷଣ ହୋଇଥାଏ । ଏହା ତାର ସବୁଦିନିଆ କାର୍ଯ୍ୟ ।ସକାଳ ହେବାମାତ୍ରେ କୁରାଢି ଧରି ସେ ଜଙ୍ଗଲକୁ ବାହାରିଯାଏ ।ଗୋଟିଏ ଦିନ ସକାଳୁ ସବୁଦିନ ପରି ସେ ନିଜର କୁରାଢି ଧରି ବାହାରିଲା । ଦେଖିଲା ନଦୀ କୂଳରେ ଏକ ଭଲ ଶୁଖିଲା ଗଛଟିଏ ମରିଯାଇଛି । ସେ ତାକୁ କାଟିବାକୁ ଗଛ ଉପରେ ଚଢିଲା । ଅଳ୍ପ କିଛି ଚୋଟ ମାରିବା ପରେ ହଠାତ୍ ଅସାବଧାନତା ହେତୁ ତାର କୁରାଢୀଟି ନଦୀରେ ଖସି ପଡିଲା । ଏହା ଦେଖି କାଠୁରିଆର ଭାଳେଣି ପଡିଗଲା ।ସେ ଖୁବ ଗରିବ, ତାର ଆଉ ଦ୍ୱିତୀୟ କୁରାଢୀ ନାହିଁ କି ଏହାକୁ କିଣିବାକୁ ମଧ୍ୟ ତାର ସମ୍ବଳ ନାହିଁ । ବର୍ତ୍ତମାନ ସେ କାଠ କିଭଳି କାଟିବ ଏହା ସେ ଭାବିବାରେ ଲାଗିଲା । ସେ ନଦୀକୂଳେ ବସି ଠାକୁରଙ୍କ ଆରାଧନା କରିବାକୁ ଲାଗିଲା ଏବଂ କାନ୍ଦିବାକୁ ଲାଗିଲା । ତେବେ କାଠୁରିଆର କାନ୍ଦ ଦେଖି ଜଳ ଦେବତା ତରଳି ଗଲେ ।ହେଲେ ସେ ପ୍ରଥମେ କାଠୁରିଆକୁ ଟିକେ ପରୀକ୍ଷା କରିବାକୁ ଚାହିଁଲେ । ତେଣୁ ସେ ନଦୀରୁ ବାହାରି ହାତରେ ଏକ ସୁନାର କୁରାଢୀ ଧରି ତାକୁ କହିଲେ ନିଅ ତୁମ କୁରାଢୀ ।ହେଲେ କାଠୁରିଆ ଏହା ନେବାକୁ ମନା କଲା କହିଲା ଏହା ମୋର ନୁହେଁ । ମୋତେ ମୋର କୁରାଢୀ ହିଁ ଦରକାର । ଏହାପରେ କିଛି ସମୟରେ ଜଳଦେବତା ପୁନର୍ବାର ଏକ ରୁପାର କୁରାଢୀ ଧରି ତାକୁ ଯାଚିଲେ, ହେଲେ ଏହାକୁ ମଧ୍ୟ କାଠୁରିଆ ମନା କରିଦେଲା । କହିଲା ଏହା ମଧ୍ୟ ମୋର ନୁହେଁ । ଏହାପରେ ଜଳଦେବତା ଲୁହାର କୁରାଢୀ ଧରି ତା ଆଗରେ ଠିଆ ହେଲେ। ସେହି କୁରାଢୀକୁ ଦେଖି କାଠୁରିଆର ଖୁସି କହିଲେ ନସରେ । ସେ ନିଜର କୁରାଢୀ ଦେଖି ଖୁବ ଖୁସି ହୋଇଗଲା । କହିଲା ଏହା ମୋର କୁରାଢୀ ଏହାକୁ ହିଁ ମୁଁ ନେବି। କାଠୁରିଆର ଉତ୍ତରରେ ଦଳଦେବତା ଖୁବ ଖୁସି ହୋଇଯାଇଥିଲେ ଏବଂ ତାକୁ ବର ଦାନ ଦେଇଥିଲେ । କାଠୁରିଆର ଲୋଭ ନଥିବା ଦେଖି ସେ ତାର ପ୍ରଶଂସା କରିବା ସହିତ ତାକୁ ଧନସମ୍ପତ୍ତିର ବରଦାନ ଦେଇଥିଲେ । ତେଣୁ ସବୁବେଳେ ଅନ୍ୟର ସାମଗ୍ରୀରେ ଲୋଭ ନକରି ନିଜ ସାମଗ୍ରୀକୁ ସତ ଉପାୟରେ ଭୋଗ କରିବାଦ୍ୱାରା ସଫଳତା ମିଳିଥାଏ । କାରଣ ବେଳେବେଳେ ଲୋଭହିଁ ମୃତ୍ୟୁର କାରଣ ସାଜିଥାଏ ।

**ଜେଜେମାର କାହାଣୀପେଡିରେ ଏଭଳି ଅନେକ ଗଳ୍ପ ଥାଏ ଯାହା ଆମର ବ୍ୟବହାରକୁ ମଧ୍ୟ ମାର୍ଜିତ କରିଥାଏ । ପିଲାଦିନୁ ସମାଜରେ କିଭଳି ଚଳିବ ଏହି ଗଳ୍ପ ସବୁ ଆମକୁ ଶିକ୍ଷା ଦେଇଥାଏ । କିଭଳି ସବୁବେଳେ ସତକୁ ପାଥେୟ କରି ଚଳିଲେ ଆମକୁ ସଫଳତା ମିଳିବ ଏହା ଏହି ଗଳ୍ପ ଗୁଡିକ ଶିଖାଇଥାଆନ୍ତି ।**





# ମୃଣାଳ

mrinalchatterjeeiimc
@gmail.com

## ଲକ୍ଷ କରିଛନ୍ତି

ଲକ୍ଷ କରିଛନ୍ତ କ୍ରମଶଃ ବହିଦୋକାନ, ବାଦ୍ୟଯନ୍ତ୍ର ଦୋକାନ ବନ୍ଦ ହୋଇଯାଉଛି । ଅନ୍ୟାନ୍ୟ ଯାଗାକଥା ଛାଡନ୍ତୁ ଗୋଟେ ସମୟରେ ବହି ଏବଂ ସଙ୍ଗୀତ ପାଇଁ ଜଣାଶୁଣା କଟକ ଏବଂ କୋଲକତା ସହରରେ ବି କ୍ରମଶଃ ଏ ଦୋକାନଗୁଡିକ ବନ୍ଦ ହେବାପାଇଁ ଲାଗିଛି । ଗୋଟେ ସମୟରେ କୋଲକତାର ଏଲିଫ୍ୟାଣ୍ଟ ରୋଡ, ବସୁନ୍ଧରା ସିଟି କିମ୍ବା ଶାଖାରି ବଜାରରେ ପଶିଗଲା ମାତ୍ରେ ଗୀତର ସୁର ଆଉ ବାଦ୍ୟଯନ୍ତ୍ରର ଶବ୍ଦରେ ମାହୋଲ ସରଗରମ ରହୁଥିଲା । ଦୋକାନଗୁଡିକରେ ଭିଡ ରହୁଥିଲା । କିଏ ଗୀଟାର ଟ୍ରାଏ କରୁଛି, କିଏ ତବଲା ବଜେଇ ଦେଖୁନଉଛି ତାହା ଠିକ୍ ଅଛି କି ନାହିଁ । ଏବେ ସବୁ ନିସ୍ତବ୍ଧ । ଦୋକାନରେ ଗୀଟାର, କି ବୋର୍ଡ, ହାରମୋନିୟମ, ଡ୍ରମ ସେଟ୍ ସଜା ହୋଇରହିଛି । ବିକ୍ରେତାମାନେ ଅଳସ ସମୟ କଟଉଛନ୍ତି । ବିକ୍ରି ପ୍ରାୟ ଶୂନ୍ୟକୁ ପହଞ୍ଚି ଗଲାଣି । କରୋନା ସମୟରୁ କ୍ରମଶଃ ବଜାର ମାନ୍ଦା ହୋଇଥିଲା । ଏବେ ପ୍ରାୟ ବିକ୍ରି ବନ୍ଦ । ବାଦ୍ୟଯନ୍ତ୍ର ବଜାରରେ ଅଭୁତପୂର୍ବ ମାନ୍ଦା ଅବସ୍ଥା ଦେଖା ଦେଇଛି । ସମାନ କଥା ଓଡ଼ିଶାରେ । ଓଡ଼ିଶାର ବହୁ ସହରରେ ବାଦ୍ୟଯନ୍ତ୍ରର ଦୋକାନ ଥିଲା । ଢେଙ୍କାନାଳରେ ମୋର ରହିବା ୨୬ ବର୍ଷ ହୋଇଗଲା । ଏଠି ବି ଥିଲା । ବନ୍ଦ ହୋଇଯାଇଛି ସେ ଦୋକାନ । କଟକର ବେଶ୍ କିଛି ଜାଗାରେ ଥିଲା ବାଦ୍ୟଯନ୍ତ୍ର ଦୋକାନ । ଅଧା ବନ୍ଦ ହୋଇଗଲାଣି ।

ବାଦ୍ୟଯନ୍ତ୍ର ନିର୍ମାଣରେ ଯେଉଁ କାରିଗରମାନେ ଯୁକ୍ତ ହୋଇ ରହୁଥିଲେ ସେମାନେ ବାଧହୋଇ ଅନ୍ୟ ପେଷାକୁ ଚାଲିଯାଉଛନ୍ତି । ସମାନକଥା ବହି ଦୋକାନ କ୍ଷେତ୍ରରେ। ବହି ଦୋକାନ ବନ୍ଦ ହୋଇଯାଉଛି । ଆପଣଙ୍କ ସହରରେ ଗତ ୨୦ ବର୍ଷ ଭିତରେ ଯଦି ଦେଖିବେ ଯେତିକି ମୋବାଇଲ ଦୋକାନ ଖୋଲିଛି ତାହାର ଶହେଭାଗରୁ ଭାଗେ ବହିଦୋକାନ ଖୋଲି ନ ଥିବ ବା ଏମିତି କୁହନ୍ତୁ ଯେତିକି ୨୦ ବର୍ଷତଳେ ବହିଦୋକାନ ଥିବ ଏବେ ସେଥିରୁ କମ୍ ଅଛି । ସମାଜରେ ଯଦି ବହି ନ ଥିବ, ସଙ୍ଗୀତ ନ ଥିବ, ବାଦ୍ୟ ନ ଥିବ, ସେ ସମାଜ ଆଉ ଭଲ ସମାଜ ହୋଇ ରହିବ ନାହିଁ । ନାନ୍ଦନିକତା ବିହୀନ ସମାଜ - କ'ଣ ବାସଯୋଗ୍ୟ ?

## ଦୀପାବଳି



ଦୀପାବଳି ଭାରତର ସବୁଠୁ ଆଲୋକମୟ ଓ ଖୁସିର ପର୍ବଗୁଡ଼ିକ ମଧ୍ୟରୁ ଗୋଟିଏ। ଏହା ଅନ୍ଧକାର ଉପରେ ଆଲୋକ, ଅସତ୍ୟ ଉପରେ ସତ୍ୟ ଓ ଅଜ୍ଞାନ ଉପରେ ଜ୍ଞାନର ବିଜୟର ପ୍ରତୀକ। ଦୀପାବଳି କାର୍ତ୍ତିକ ମାସର ଅମାବାସ୍ୟା ଦିନରେ ପାଳିତ ହୁଏ। ଭାରତର ବିଭିନ୍ନ ଅଞ୍ଚଳରେ ଏହା ଭିନ୍ନ ଭିନ୍ନ ଭାବରେ ଏବଂ ଭିନ୍ନ ପ୍ରେକ୍ଷୀରେ ପାଳିତ ହୁଏ। ପୂର୍ବ ଭାରତରେ ଏହା କାଳୀପୂଜା ଭାବରେ ପାଳିତ ହୁଏ। ଏହି ସନ୍ଧ୍ୟାରେ ଦିବଙ୍ଗତ ପୂର୍ବପୁରୁଷଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିବା ପାଇଁ ଅଗ୍ନି ପ୍ରଜ୍ୱଳନ କରାଯାଏ। ବଡ଼ବଡୁଆଙ୍କୁ ଆଲୋକରେ ଅଭ୍ୟର୍ଥନା କରାଯାଏ। ଅନ୍ୟ ପୌରାଣିକ କଥାନୁସାରେ ଏହି ଦିନ ଶ୍ରୀରାମ ଚଉଦ ବର୍ଷର ବନବାସ ଶେଷ କରି ଅଯୋଧ୍ୟାକୁ ଫେରିଥିଲେ। ତାଙ୍କ ଆଗମନରେ ସମସ୍ତ ଅଯୋଧ୍ୟାବାସୀ ଘର ଘର ଦୀପ ଜାଳି ଆନନ୍ଦ କରିଥିଲେ। ତେଣୁ ଏହି ଦିନକୁ ଆଲୋକ ପର୍ବ ଭାବରେ ମନାଯାଏ। ଉତ୍ତର ଭାରତରେ ଲୋକମାନେ ଧନ ଓ ସମୃଦ୍ଧିର ଦେବୀ ଲକ୍ଷ୍ମୀଙ୍କୁ ପୂଜା କରନ୍ତି, ତାଙ୍କ ଘରକୁ ଆନନ୍ଦ ଓ ଶାନ୍ତି ଆସିବା ପାଇଁ। ମିଠା, ଆତସବାଜି ଓ ଆତ୍ମୀୟମାନଙ୍କ ସହ ଆଦାନ ପ୍ରଦାନ ଏହି ପର୍ବ ପାଳନର ମୁଖ୍ୟ ଅଙ୍ଗ। ଲକ୍ଷ୍ମୀଙ୍କୁ ଆହ୍ୱାନ କରିବା ପାଇଁ ଏହି ଦିନ ଲୋକମାନେ ଘର ସଫା କରି ସଜାନ୍ତି, ନୂତନ ବସ୍ତ୍ର ପିନ୍ଧନ୍ତି ଓ ଘରକୁ ଆଲୋକରେ ଭରିଦେଇଥାନ୍ତି। ଦୀପାବଳି କେବଳ ଏକ ଧାର୍ମିକ ପର୍ବ ନୁହେଁ, ଏହା ଆମ ସାମାଜିକ ଓ ସାଂସ୍କୃତିକ ଏକତାର ପ୍ରତୀକ। ଏହା ଆମକୁ ଶିଖାଏ ଜୀବନରେ ଯେତେ ଅନ୍ଧକାର ଆସୁନା କାହିଁକି, ଆଲୋକ ଅବଶ୍ୟ ତାହାକୁ ଦୂର କରିଦେଏ। ଏହି ପର୍ବ ଆମ ହୃଦୟରେ ଆଶା, ପ୍ରେମ ଓ ମାନବତାର ଆଲୋକ ପ୍ରଜ୍ୱଳିତ କରିଥାଏ।

## ଶିକ୍ଷକ

ପାଗଳ ହେବାର ବହୁ ବାଟ ଥିଲା । ସବୁ ବାଟ ଛାଡ଼ି ମୁଁ ଶିକ୍ଷକତାକୁ କାହିଁକି ଆସିଲି କେଜାଣି ! ଆସିଲି ଯେ ଆଉ ଫେରି ପାରିଲିନି । ଥରେ ମଣିଷ ପାଗଳ ହୋଇଗଲେ ଆଉ କ'ଣ କେବେ ନର୍ମାଲ ହୋଇ ପାରେ ! ଥରେ ମଣିଷ ଶିକ୍ଷକ ହେଲେ, ଶିକ୍ଷାଦାନ ତା'ର ଅସ୍ଥି ମଜ୍ଜାରେ ପଶିଯାଏ । ତା'ର ଅଭ୍ୟାସ ହୋଇଯାଏ । ତାକୁ ସାରା ଦୁନିଆ ଛାତ୍ରମୟ ଦିଶେ । ସେ ସମସ୍ତଙ୍କୁ ସବୁବେଳେ ସବୁ ସମୟରେ ସବୁ କଥାରେ ପାଠ ପଢେଇବା ପାଇଁ ଚାହେଁ । ଶିକ୍ଷକ ହେଲା ମାତ୍ରେ ମଣିଷ ଭିତରେ ଜ୍ଞାନର ଏକ ମହାସାଗର ସୃଷ୍ଟି ହୋଇଯାଏ ଆଉ ସେଥିରୁ ମୁନ୍ଦେ ମୁନ୍ଦେ ସମସ୍ତଙ୍କୁ ଦେବା - ତା'ର ପରମ କର୍ତ୍ତବ୍ୟ ବୋଲି ମନେ କରେ । ନେଲାବାଲାର ଜ୍ଞାନ ନେବାର ଇଛା ଅଛି କି ନାହିଁ, ତାହା ଜଣେ ଶିକ୍ଷକ କେବେ ଚିନ୍ତା କରେ ନାହିଁ । ସେ ଭାବେ ଜ୍ଞାନ ବିତରଣ ତା'ର ଧର୍ମ । ସାରା ସମାଜ ଯେ ତାକୁ ପାଗଳ ବୋଲି ଭାବିଲାଣି - ତାହା ଆଉ ସେ ଖିଆଲ କରେ ନାହିଁ ।



## ବରୁଣ ଦେବଙ୍କୁ ଚିଠି

ସମ୍ମାନନୀୟ ବରୁଣ ଦେବ, ପ୍ରଣାମ ନେବେ। ଲେଖିବାର କାରଣ ଏହା ଯେ ଶରତ ଯାଇ ହେମନ୍ତ ଋତୁ ଆସିଗଲାଣି, ବର୍ଷା ଏଯାଏଁ ମର୍ତ୍ତ୍ୟରୁ ଯାଉନାହିଁ । ଆପଣଙ୍କ ଅଫିସ କ୍ୟାଲେଣ୍ଡରଟା ବୋଧେ ଲେଉଟା ହୋଇ ନାହିଁ । ଦୟା କରି ଏ ଦିଗରେ ଦୃଷ୍ଟି ଦିଅନ୍ତୁ । ଋତୁଚକ୍ରର ବାରଟା ବାଜିଲାଣି ଆଜ୍ଞା ! ଇତି ହନ୍ତସନ୍ତ ମର୍ତ୍ତ୍ୟବାସୀ ।

## ଲକ୍ଷ୍ମୀପୂଜା ମେଳାର କେତେକ ଖଣ୍ଡଦୃଶ୍ୟ



ଓଡ଼ିଶାରେ ଢଙ୍କାନାଳ ଏବଂ କେନ୍ଦ୍ରାପଡ଼ାରେ ଲକ୍ଷ୍ମୀପୂଜା ବଡ଼ ଧୁମଧାମରେ ପାଳନ କରାଯାଏ। ଢେଙ୍କାନାଳରେ ବଡ଼ ମେଳା ବସେ। ବହୁ ଲୋକସମାଗମ ହୁଏ। ନିତ୍ୟବ୍ୟବହାର୍ଯ୍ୟ ଘରକରଣା ଜିନିଷଠୁ ମନୋହାରୀ, ପ୍ରଶାଧନୀ - ନାନା ଜିନିଷପତ୍ର ବିକ୍ରି ପାଇଁ ଉଠା ଦୋକାନ ବସେ। ତା'ସହିତ ମନୋରଞ୍ଜନର ବହୁ ସାଧନ ଆସିଯାଏ ମେଳାରେ । ପିଲାମାନଙ୍କ ଖେଳକୁଦ ବ୍ୟବସ୍ଥାଠୁ ବଡ଼ ବଡ଼ ଚରକି ଆଉ ଦୋଳି ଆସେ । ପଚାଶ ପ୍ରକାର ଖାଇବା ଜିନିଷର ଷ୍ଟଲ ବସେ। ମେଳାରେ ଦି'ପଇସା ରୋଜଗାର ପାଇଁ ଅନେକେ ବିଭିନ୍ନ ପ୍ରକାର କାମ କରନ୍ତି। ଢେଙ୍କାନାଳ ମିନି ଷ୍ଟାଡିୟମରେ ବହୁତ ଦୋକାନ, ଦୋଳି ଇତ୍ୟାଦି ବସିଛି । ସେଠି ଭାରି ଭିଡ଼ । ସେ ଭିଡ଼ ଭିତରେ ଜଣେ ୧୦-୧୨ ବର୍ଷର ପିଲା ଫୁଙ୍ଗୁଳା ଦେହସାରା ରୂପେଲି ରଙ୍ଗ ବୋଳି, ଛୋଟିଆ ଧୋତି ପିନ୍ଧି ହାତରେ ଖଣ୍ଡେ ବାଡ଼ି ଧରି ଗାନ୍ଧୀ ବେଶରେ ଠିଆ ହୋଇଛି । ତା'ପାଦ ପାଖରେ ଗୋଟେ ଥାଳି । ସେଥିରେ କିଛି ନୋଟ ଆଉ ଖୁଚୁରା ପଇସା । ଇଙ୍ଗିତ ପରିସ୍କାର: କିଛି ଅର୍ଥ ଦିଅ । ରାସ୍ତା ମଝିରେ ଛୋଟ ହାତଟଣା ଠେଲାଗାଡ଼ିରେ ଅଧାଶୁଆ ହୋଇ ବସିଛି ଅଧାବୁଢା ଲୋକଟିଏ, ତା'ର ଦୁଇ ଗୋଡ଼ ନାହିଁ। ଠେଲାଗାଡିରେ ଗୋଟେ ଛୋଟ ମାଇକ ଲାଗିଛି । ସେଥିରେ ରେକର୍ଡିଂ କରାଯାଇଥିବା ବାର୍ତ୍ତା ବାଜୁଛି: ମାମାଉସୀମାନେ, ବାପାଭାଇମାନେ ମୁଁ ଅକ୍ଷମ, ମୋତେ କିଛି ସାହାଯ୍ୟ କରନ୍ତୁ । ଭଗବାନ ଆପଣଙ୍କର ଭଲ କରିବେ ।

ବସଷ୍ଟାଣ୍ଡରୁ କଲେଜ ଯିବା ରାସ୍ତା କଡ଼ରେ ଦୁଇଟି ଖୁଣ୍ଟ ଦଉଡ଼ି ବାନ୍ଧି ତା'ଉପରେ ବାଉଁଶରାଣୀ ଖେଳ ଦେଖଉଚି କିଶୋରୀଟିଏ । ତା' ମୁଣ୍ଡ ଉପରେ ତିନୋଟି ହାଣ୍ଡି । ହାତରେ ଲମ୍ବା ବାଉଁଶ । ତଳେ ଡବଡବ କରି ଢୋଲ ବଜାଉଛି ତା ଭାଇ । ପାଖରେ ହୋଇଛି କିଛି ନୋଟ ବୁଣାହୋଇଥିବା ଗୋଟେ ଷ୍ଟିଲ ଥାଳି ।

## କରିବେନି ରିମେକ



ନିକଟରେ ଅକ୍ଷୟ କୁମାର ଫିଲ୍ମ ସଂକ୍ରାନ୍ତିକି ବସ୍ଥନମ ଫିଲ୍ମର ରିମେକରେ ନଜର ଆସିବା ନେଇ ଆଲୋଚନା ହେଉଥିଲା । ହେଲେ ଏହି ଆଲୋଚନାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି । ସୂଚନା ଅନୁସାରେ ଅକ୍ଷୟ କୁମାର ଏହି ଫିଲ୍ମ କରିବେ ନାହିଁ ବୋଲି ଜଣା ପଡ଼ିଛି । ସୂଚନା ଅନୁସାରେ ଭେଙ୍କଟେଶ ଡଗୁବାଟିଙ୍କ ଅଭିନୀତ ଏହି ଫିଲ୍ମ ଅକ୍ଷୟଙ୍କୁ ଖୁବ ଭଲ ଲାଗିଛି । ତେଣୁ ଜଣେ ସିନେମା ପ୍ରେମୀ ହିସାବରେ ସେ ଏହି ଫିଲ୍ମକୁ ରିମେକ କରିବାକୁ ଚାହୁଁ ନଥିବା ପ୍ରକାଶ କରିଛନ୍ତି । ତେବେ ଅକ୍ଷୟ ଓ ଅନିସ ବାଜମି ଏକ ଭିନ୍ନ ପ୍ରୋଜେକ୍ଟରେ କୋଲାବ୍ରେଟ କରିବେ ବୋଲି ଆଲୋଚନା କରୁଥିବା ଜଣା ପଡ଼ିଛି । ସେହିଭଳି ଏହି ଫିଲ୍ମଟିକୁ ଦର୍ଶକ ଖୁବ ଭଲ ପାଇବା ଦେଇଥିବା ଦେଖିବାକୁ ମିଳିଥିଲା ।

## ପ୍ରିୟାମଣିଙ୍କ ସମର୍ଥନ



ଦୀପିକାଙ୍କର ଆଠଘଣ୍ଟିଆ ୱାର୍କ ଟାଇମକୁ ଅନେକ ଆଡୁ ସମର୍ଥନ ମିଳିବା ଆରମ୍ଭ ହୋଇଛି । ଧୀରେଧୀରେ ଅନେକ ଷ୍ଟାର ତାଙ୍କୁ ସମର୍ଥନ ଦେବା ଆରମ୍ଭ କରୁଛନ୍ତି । ଏହି ତାଲିକାରେ ଅନେକ ଅଭିନେତ୍ରୀ ଯୋଡିହେବା ପରେ ବର୍ତ୍ତମାନ ଯୋଡି ହୋଇଛନ୍ତି ସାଉଥ ଷ୍ଟାର ପ୍ରିୟାମଣି । ଏଭଳି ୱାର୍କ ଆୱାର ଜଣେ ମାଆ ପାଇଁ ଖୁବ ଆବଶ୍ୟକ । ଏହି ଦାବିରେ କୌଣସି ଭୁଲ ନାହିଁ ଏହା ଏକ ଯଥାର୍ଥ ଦାବି ବୋଲି ପ୍ରିୟାମଣି ମତ ଦେଇଛନ୍ତି । ଇଣ୍ଡଷ୍ଟ୍ରୀରେ ଅନେକ ଅଭିନେତାଙ୍କୁ ଏହି ସୁଯୋଗ ପୂର୍ବରୁ ମିଳୁଛି ତେଣୁ ବର୍ତ୍ତମାନ ଅଭିନେତ୍ରୀଙ୍କ ଦାବିକୁ ଅଣଦେଖା କରିବା ଅନୁଚିତ୍ ବୋଲି ପ୍ରିୟାମଣି ମତ ଦେଇଛନ୍ତି । ସୂଚନା ଅନୁସାରେ ଦୀପିକା ପାଡୁକୋନ ମାଆ ହେବାପରେ ଦିନକୁ ଆଠଘଣ୍ଟା କାମ କରିବାର ସର୍ତ୍ତ ରଖିଥିଲେ । ଯେଉଁ କାରଣରୁ ତାଙ୍କୁ ଦୁଇ ଦୁଇଟି ବଡ ପ୍ରୋଜେକ୍ଟରୁ ବାହାର କରାଯାଇଥିଲା । ଯାହାପରେ ସମସ୍ତେ ଦୀପିକାଙ୍କ ସମର୍ଥନରେ ବାହାରୁଥିବାର ଦେଖିବାକୁ ମିଳିଥିଲା ।

## ମାଆ ହେବେ କି ସୋନାକ୍ଷୀ



ନିକଟରେ ସୋନାକ୍ଷୀ ସିହ୍ନା ମାଆ ହେବା ନେଇ ଅନେକ ଆଲୋଚନା ହେବାରେ ଲାଗିଛି । କିଛି ଲୋକ ଏହାକୁ ସତ ବୋଲି କହୁଥିବାବେଳେ କିଛି ଲୋକ ଏହାକୁ ଗୁଜବ କହି ଏଡାଇ ଯାଉଛନ୍ତି । ହେଲେ ନିକଟରେ ସୋନାକ୍ଷୀ ଓ ଜହିରଙ୍କୁ ଏକାଠି ଏକ ଇଭେଣ୍ଟରେ ଦେଖିବାକୁ ମିଳିଥିଲା । ଏହି ଇଭେଣ୍ଟର ଭିଡିଓ ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ଏଥିରେ ଜହିର ସୋନାକ୍ଷୀଙ୍କ ପେଟରେ ହାତ ମାରି ତାଙ୍କ ସହିତ ମଜାକରୁଥିବାର ଦେଖିବାକୁ ମିଳିଛି । ଭିଡିଓଟି ଭାଇରାଲ ହେବାପରେ ସମସ୍ତେ ସୋନାକ୍ଷୀ ପ୍ରେଗନାଣ୍ଟ ଥିବା ନେଇ ପୁଣି ଆଲୋଚନା ଆରମ୍ଭ କରିଛନ୍ତି । ଜହିର ଏହି ଗୁଜବକୁ ସତ ବୋଲି ହିଣ୍ଟ ଦେଇଥିବା ନେଇ ସୋସିଆଲ ମିଡିଆରେ ମତ ପ୍ରକାଶ ପାଇବାରେ ଲାଗିଛି । ସୂଚନା ଅନୁସାରେ ଉଭୟଙ୍କର ଗତ ବର୍ଷ ବିବାହ ହୋଇଥିଲା ।

## ପ୍ରିୟଙ୍କା ଖୁବ ବଡ଼ ଷ୍ଟାର



ନିକଟରେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କୁ ନେଇ ବିଟାଉନ୍ ଅଭିନେତା ଅନୁ କପୁର କଥା ହୋଇଛନ୍ତି । ସେ ପ୍ରିୟଙ୍କାଙ୍କୁ ଖୁବ ବଡଷ୍ଟାର ବୋଲି ମତ ଦେଇଛନ୍ତି । ତେବେ ସୂଚନା ଅନୁସାରେ ୨୦୧୧ରେ ଉଭୟଙ୍କର ସାତ ଖୁନ ମାଫ ଫିଲ୍ମ ପରଦାକୁ ଆସିଥିଲା । ଏହି ଫିଲ୍ମରେ ଏଥିବା ଏକ ଇଣ୍ଟିମେଟ ସିନ୍ କୁ ନେଇ ସେତେବେଳେ ବିବାଦ ଉପୁଜିଥିଲା । ଫିଲ୍ମରେ ପ୍ରିୟଙ୍କା ଅନୁଙ୍କୁ କିସ୍ କରିବାକୁ ମନା କରିଥିଲେ ବୋଲି ଏକ ଷ୍ଟେଟମେଣ୍ଟ ଅନଲାଇନ ଭାଇରାଲ ହୋଇଥିଲା, ଯାହାପରେ ବିବାଦ ବଢ଼ିଥିଲା । ହେଲେ ନିକଟରେ ଏକ ସାକ୍ଷାତକାରରେ ଅନୁ କପୁର ନିଜେ ଏହାକୁ ଖଣ୍ଡନ କରିଛନ୍ତି । ସେ କହିଛନ୍ତି ଫିଲ୍ମରେ ଇଣ୍ଟିମେଟ ସିନ ଥିଲା ହେଲେ ଏହାକୁ କଟା ଯାଇଥିଲା । କାରଣ ପ୍ରିୟଙ୍କା ତାହା କରିବାକୁ ଠିକ ଭାବେ ନଥିଲେ । ସେହିଭଳି ପ୍ରିୟଙ୍କା ତାଙ୍କ ଆଗରେ ଖୁବ ବଡ ଷ୍ଟାର ବୋଲି ଅନୁ ଏହି ସାକ୍ଷାତକାରରେ ମତ ଦେଇଛନ୍ତି ।

## ପପୁଲାର ଖାନ୍



ନିକଟରେ ଓସ୍କାର ବିଜେତା ପ୍ରଯୋଜକ ଗୁରନିତ୍ କୌରଙ୍କର ଏକ ମନ୍ତବ୍ୟ ଖୁବ ଭାଇରାଲ ହେବାରେ ଲାଗିଛି । ନିକଟରେ ଗୁରନିତ ସଲମାନଙ୍କୁ ସବୁଠାରୁ କମ ପପୁଲାର ଖାନ୍ ବୋଲି ମନ୍ତବ୍ୟ ଦେଇଛନ୍ତି । ସେ ସଲମାନଙ୍କୁ ବ୍ୟକ୍ତିଗତ ଭାବେ ଜାଣି ନାହାନ୍ତି । ଅନ୍ୟ ଦୁଇଖାନ ଅର୍ଥାତ ଶାହରୁଖ ଖାନ ଓ ଅମିର ଖାନଙ୍କ ସହିତ ସେ ମିଶିଛନ୍ତି ତେଣୁ ଉଭୟ ତାଙ୍କୁ ଖୁବ ଭଲ ଲାଗନ୍ତି । ତେବେ ସେ ଏହାକୁ କୌଣସି ଶତ୍ରୁତା ରଖି ନୁହେଁ ବରଂ ନିଜର ବ୍ୟକ୍ତିଗତ ମନ୍ତବ୍ୟ ବୋଲି ମତ ରଖିଛନ୍ତି । ଶାହରୁଖ ଖାନ୍ ତାଙ୍କର ପିଲାଦିନର କ୍ରସ ବୋଲି ଗୁନିତ ମତ ଦେଇଛନ୍ତି । ତେବେ ଗୁନିତଙ୍କର ଷ୍ଟେଟମେଣ୍ଟ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି ।



## ବୋଉ କୋଳେ ଜହ୍ନରାତି

ଆମପାଇଁ ସୁଖଶେଯ
ପାରିଦିଏ ବୋଉ
ପିଠିକୁ ଆଉଁଶି ଡାକେ
ଓଠୁ ହସ ମହୁ ॥
ବୋଉ ଛଡ଼ା କିଏ ଆଉ
କହେ ଦୁଃଖେ ଆହା
ଜର ରୋଗ ବିପଦରେ
ହୁଏ ପୁଣି ସାହା ॥
ପିନ୍ଧା ପଣତ କାନିତା
ଦେଉଳର ନେତ
ଦୀପ ପରି ଜଳି ଜଳି
ତମ ତଡ଼େ ସେତ ॥
ନିଜେ ତ ତୋରାଣି ପିଇ
ଖୁଆଏ ସେ ଭାତ
ଆମକୁ କରଇ ବଡ଼
ତା' ଶକତ ହାତ ॥
ଶୀତରାତି ହେଲେ ବେଶୀ
ମନେପଡେ ବୋଉ
ତା' ପଣତ ଘୋଡ଼ିହୋଇ
କୋଳେ ଆମେ ଶୋଉ ॥
ମଫସଲ ଗାଆଁର ସେ
ଝାଟି ମାଟି ଘରେ
ବୋଉ ରହି ଘରଟିକୁ
ଦେବାଳୟ କରେ ॥
ସହର ନଅରେ ଥାଇ
ଝୁରୁଥାଏ ମନ
ଇଚ୍ଛାହୁଏ ବୋଉ କୋଳେ
ଦେଖିବାକୁ ଜହ୍ନ ॥

**ପ୍ରଶାନ୍ତ କୁମାର ଦାଶ**
କୁଞ୍ଜର ସଙ୍ଗଲାଇ, ପିପିଲି, ପୁରୀ
ମୋ: ୯୭୭୮୮୨୨୧୯୦

## ମାଟି ଦୀପଟିଏ ମୁଁ



ମାଟିରୁ ତିଆରି ହୋଇ
ଆଲୋକିତ କରେ ସାରା ସଂସାରକୁ
ଅନ୍ଧାର ଦୂରେଇ ଦେଇ ॥
ଜଳୁଥାଏ ରାତି ସାରା
ତେଲ ସଳିତାରେ ପରା
ମିଞ୍ଜି ମିଞ୍ଜି ହୋଇ ଜ୍ୟୋତି ଦେଉଥାଏ
ମରତେ ଜାଣ ମୁଁ ତାରା ॥
ପାଳେ ମୁହିଁ ଦୀପାବଳି
ସକଳ ପରାଣେ ଜଳି
ଏ ମାଟି ପରବ ସଂସ୍କୃତି ପାଇଁ ମୋ
ଜୀବନକୁ ଦିଏ ବଳି ॥
ଜଳୁଥାଏ ଶରଧାରେ
ଘରେ ଅବା ମନ୍ଦିରରେ
ପୂଜା ନୈବେଦ୍ୟର ଥାଳୀରେ ମୁଁ ଥାଏ
ଭକ୍ତିପୂତ ଭାବନାରେ ॥
ଆଲୋକ ପରଶି ଦେଇ
ଅନ୍ଧକାରେ ରହେ ମୁହିଁ
ଛୋଟ ପିଲା ପରି ସପନ ମୋ ମୋଟ
ରଖ ମୋତେ ତୁମ ଠେଇଁ ॥

**ସୁଜିତ କୁମାର ମିଶ୍ର**
ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ: ୭୬୮୩୮୬୭୭୪୨

## ଏକ ଦୁଇ ତିନି

ଏକ, ଦୁଇ, ତିନି
ସାରୁବୁଦା ମୂଳେ କେଁ କଟର
ହୁଏ ବେଙ୍ଗୁଲି ନାନୀ ॥
ତିନି, ଚାରି, ପାଞ୍ଚ
ଶଙ୍ଖୀ ବିଲେଇଟି ଲୁଚି ଲୁଚି
ଖାଉଥାଏ ମାଛ ॥
ପାଞ୍ଚ, ଛଅ, ସାତ
ଖାଇବା ପୂର୍ବରୁ ଆମେ
ନିତି ଧୋଇବା ହାତ ॥
ସାତ, ଆଠ, ନଅ
ସିଂହରାଜା କୁହନ୍ତି
ବିପଦେ ସାହସୀ ହୁଅ ॥
ନଅ, ଦଶ, ଏଗାର
ଆମ ଦେଶ ନାଁ ଅଟେ ଭାରତ
ସଭିଏଁ ଆମରି ନିଜର ॥



**ରମାକାନ୍ତ ଦାସ**
ନନ୍ଦିଗ୍ରାମ , ନାଉଗାଁ, ଜଗତସିଂହପୁର
ମୋ: ୯୭୬୮୮୧୫୩୭୯

## ପଡ଼ିଲାଣି କାକର

ବରଷା ଶେଷେ ଶରତ ଆସେ
ଆସିଗଲେ ଶରତ
ବାଟଘାଟରେ ବିଲ ହିଡ଼ରେ
କାଶ ଥାଏ ଉଷତ ॥
କାଶର ମୁହଁ ଦିଶେ ସବୁଠି
ଶରତ ଆଗମନେ
ଗଲେ ଶରତ ହସି ହେମନ୍ତ
ହିମ ଶିଶିର ବୁଣେ ॥
ହେମନ୍ତ ସଞ୍ଜ ଆସିଲେ ନଇଁ
ରାତି ପଣତ ଭିଜେ
ଶିଶିର ମାଖି ହେମନ୍ତ ରାତି
ଶୀତଳତାକୁ ଖୋଜେ ॥
ହେମନ୍ତ ଆସି କାକର ନେସି
ଭିଜାଇ ଦିଏ ରାତି
ଗଛ ପତରେ ଘାସ ଦେହରେ
ରହେ କାକର ଲାଖି ॥
ହିମ କାକର ବିନ୍ଦୁ ସୁନ୍ଦର
ଘାସରେ ଥାଇ ସ୍ଥିର
ଘାସ ଉପରେ ପାଦ ପଡ଼ିଲେ
ଲାଗି ଆସେ ଶୀତଳ ॥
କାକର ପାଇଁ ଥଣ୍ଡା ଲାଗଇ
ରାତି ସମିଆ ବେଶି
ହେମନ୍ତ ଆଣେ ଧରାଧାମକୁ
ଶୀତ ଋତୁକୁ ଡାକି ॥

**ଧ୍ରୁବ ଚରଣ ଘିବେଲା**
ବଉଦରାଜ, ବୌଦ୍ଧ
ମୋ: ୯୪୩୭୪୭୮୪୬୬

## ମଙ୍ଗଳବାହକ ଜୀବ

ଧୂସର ରଙ୍ଗର ଲୋମ ପରିପୂର୍ଣ୍ଣ
ଦେହଟି କୋମଳ ତା'ର,
ନେଉଳ ପରା ସେ ଗାତ କରି ରୁହେ
ଲାଗେ ଭାରି ଆପଣାର ॥
ସାପକୁଳ ପାଇଁ ପରମ ବଇରୀ
ଦୁହିଁଙ୍କ ଲଢେଇ ହେଲେ,
ଏମିତି ଚତୁର ସାପ ପାରେ ନାହିଁ
ହରାଏ ସେ କଉଶଳେ ॥
ପୋଷା ମାନିଯାଏ ଅତି ସହଜରେ
ରୁହଇ ମଣିଷ ଘରେ,
ଭାରି କଉତୁକେ ଖେଳେ ଆମ ସାଥେ
ନିମିଷେ ବିଷାଦ ହରେ ॥
ବିଶ୍ୱାସ ରହିଛି ନେଉଳ ଦେଖିଲେ
ହୋଇଥାଏ ବଡ଼ ଶୁଭ,
ସଫଳ ହୁଅଇ ସବୁ କାର୍ଯ୍ୟ ଭଲେ
ମଙ୍ଗଳବାହକ ଜୀବ ॥
କେତେ ଉପକାରୀ ସତେ ଆମ ପାଇଁ
ସଦା ହେଉ ତା'ର ଜୟ,
ରକ୍ଷା ହେଉ କୁଳ ବଇରୀ ଦୂରାଅ
ଦୂର ହେଉ ସବୁ ଭୟ ॥

**ଲକ୍ଷ୍ମୀଧର ନାୟକ**
ବାଉଁଶିଆପଡା, ନୟାଗଡ଼
ମୋ: ୮୨୭୦୩୭୨୪୯୮





# ନୋବେଲ ବିଜେତା ମାରିଆ

ସବୁବର୍ଷ ପରି ଚଳିତ ବର୍ଷ ମଧ୍ୟ ନୋବେଲ ପ୍ରାଇଜ ଘୋଷଣା କରାଯାଇଥିଲା । ହେଲେ ଚଳିତ ଥର ନୋବେଲ ପୁରସ୍କାର ଦୌଡରେ ସାମିଲ ଥିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଯାହାପରେ ଏହା ଟିକେ ଅଧିକ ଚର୍ଚ୍ଚିତ ହୋଇଥିଲା । ଟ୍ରମ୍ପ ଏହାର ଶାନ୍ତି ବିଭାଗ ପାଇଁ ନିଜ ନାଁକୁ ଆଗକୁ ଆଣିଥିଲେ । ବିଗତ କିଛି ଦିନ ଭିତରେ ସେ ଅନେକ ଦେଶଙ୍କ ଭିତରେ ଯୁଦ୍ଧ ବନ୍ଦ କରିବାରେ ମୁଖ୍ୟ ଭୂମିକା ନେଇଥିବାନେଇ ଘୋଷଣା କରିବା ଆରମ୍ଭ କରିଥିଲେ । ହେଲେ ଟ୍ରମ୍ପଙ୍କର ଏହି ସମସ୍ତ ଆଶା ପାଣି ଫାଟିଯାଇଥିଲା ଯେତେବେଳେ ନୋବେଲ ଶାନ୍ତି ପୁରସ୍କାର ମାରିଆ କୋରିନା ମାଚାଡୋ ପେରିସ୍କାଙ୍କୁ ମିଳିଥିଲା । ୭ ଅକ୍ଟୋବର ୧୯୬୭ରେ ଜନ୍ମିତ ମାରିଆ ହେଉଛନ୍ତି ଜଣେ ଭେନେଜୁଏଲାର ରାଜନେତ୍ରୀ ଓ ଔଦ୍ୟୋଗିକ ଇଞ୍ଜିନିୟର, ଯିଏ ବର୍ତ୍ତମାନ ଭେନେଜୁଏଲା ବିପକ୍ଷର ନେତୃତ୍ୱ ନେଇଛନ୍ତି । ସେ ୨୦୧୧ ରୁ ୨୦୧୪ ପର୍ଯ୍ୟନ୍ତ ଭେନେଜୁଏଲାର ଜାତୀୟ ସଭାର ନିର୍ବାଚିତ ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ ।

**ନିକଟରେ ଘୋଷଣା ହୋଇଛି ଶାନ୍ତିରେ ନୋବେଲ ପୁରସ୍କାର । ଚଳିତ ବର୍ଷ ଶାନ୍ତିରେ ନୋବେଲ ପୁରସ୍କାର ପାଇଛନ୍ତି ମାରିଆ କୋରିନା ମାଚାଡୋ, ଯାହାଙ୍କୁ ନେଇ ବର୍ତ୍ତମାନ ଖୁବ ଚର୍ଚ୍ଚା ଆରମ୍ଭ ହୋଇଛି । ସାରା ବିଶ୍ୱରେ ସେ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ପାଲଟିଯାଇଛନ୍ତି ।**




ମାରିଆଙ୍କ ଜନ୍ମ ଖ୍ୟାତନାମା ଇସ୍ପାତ ଉଦ୍ୟୋଗପତି ହେନ୍ରିକେ ମାଚାଡୋ ଜୁଲୋଆଗା ଏବଂ ମନୋବିଜ୍ଞାନୀ କୋରିନା ପାରିସ୍କା ପେରେଜଙ୍କ ଔରସରୁ ହୋଇଥିଲା । ସେ କାରାକାସ୍‌ର ଏକ ପ୍ରସିଦ୍ଧ କାଥଲିକ ଝିଅମାନଙ୍କ ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରିଥିଲେ ଏବଂ ପରେ ଯୁକ୍ତରାଷ୍ଟ୍ରର ମାସାଚୁସେଟସ୍‌ର ୱେଲସ୍ଲେ ସ୍ଥିତ ଡାନା ହଲ୍ ବୋର୍ଡିଂ ସ୍କୁଲରେ ଅଧ୍ୟୟନ କରିଥିଲେ । ପରେ, ମାରିଆ ଆନ୍ଦ୍ରେସ୍ ବେଲୋ କାଥଲିକ ୟୁନିଭର୍ସିଟିରୁ ଔଦ୍ୟୋଗିକ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ଲାଭ କଲେ ଏବଂ ପରବର୍ତ୍ତୀକାଳରେ ଇନଷ୍ଟିଚ୍ୟୁଟ୍ ଅଫ୍ ଆଡଭାନ୍ସଡ୍ ଷ୍ଟଡିଜ୍ ଇନ୍ ଆଡମିନିଷ୍ଟ୍ରେସନ୍ (IESA) ରେ ଅର୍ଥନୀତି (ଫାଇନାନ୍ସ)ରେ ସ୍ନାତକୋତ୍ତର ଶିକ୍ଷା ସମ୍ପୂର୍ଣ୍ଣ କଲେ । ବିଶ୍ୱବିଦ୍ୟାଳୟ ଶିକ୍ଷା ଶେଷ ପରେ, ମାରିଆ ନିଜ ପରିବାରର ଇସ୍ପାତ କମ୍ପାନୀ ସିଭେନସା (Sivensa) ରେ ନିଜ କାର୍ଯ୍ୟଜୀବନ ଆରମ୍ଭ କଲେ ।

## ରାଜନୈ ିଙ୍କ ଜୀବନ

ମାରିଆ ୨୦୦୨ ମସିହାରେ ଆଲେଖାଣ୍ଡ୍ରୋ ପ୍ଲାଜା ସହିତ "ସୁମାଟେ" ନାମକ ଭୋଟ ନିରୀକ୍ଷଣ ସଂଗଠନର ସହସଂସ୍ଥାପକ ଓ ନେତ୍ରୀ ଭାବେ ରାଜନୀତିରେ ପ୍ରବେଶ କରିଥିଲେ । ସେ "ଭେଣ୍ଟେ ଭେନେଜୁଏଲା" ନାମକ ରାଜନୈତିକ ଦଳର ଜାତୀୟ ସମନ୍ୱୟକାରୀ । ୨୦୧୮ ମସିହାରେ, ସେ ବିବିସି ଦ୍ୱାରା ଜାରି ହୋଇଥିବା "ବିଶ୍ୱର ପ୍ରଭାବଶାଳୀ ୧୦୦ ନାରୀ" ତାଲିକାରେ ତାଙ୍କ ନାମ ସ୍ଥାନ ପାଇଥିଲା । ୨୦୨୫ ମସିହାରେ ଟାଇମ ପତ୍ରିକାରେ ତାଙ୍କୁ ବିଶ୍ୱର ୧୦୦ ଅଧିକ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ମଧ୍ୟରେ ଗଣନା କରାଯାଇଥିଲା । ମାରିଆଙ୍କୁ ଭେନେଜୁଏଲାର ବିପକ୍ଷର ଜଣେ ପ୍ରମୁଖ ନେତ୍ରୀ ଭାବେ ପରିଗଣିତ



କରାଯାଇଥାଏ । ମାରିଆ ୨୦୧୨ ମସିହାରେ ଭେନେଜୁଏଲା ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ ଥିଲେ, କିନ୍ତୁ ହେନ୍ରିକେ କାପ୍ରିଲେସଙ୍କ ସହିତ ବିପକ୍ଷ ମୁଖ୍ୟ ନିର୍ବାଚନରେ ପରାଜିତ ହୋଇଥିଲେ । ୨୦୧୪ ଭେନେଜୁଏଲା ପ୍ରତିବାଦ ସମୟରେ ସେ ନିକୋଲାସ ମାଦୁରୋ ସରକାର ବିରୋଧରେ ଆନ୍ଦୋଳନର ଏକ ପ୍ରମୁଖ ନେତ୍ରୀ ପାଲଟିଥିଲେ । ସେ ୨୦୨୩ ମସିହାରେ "ୟୁନିଟାରି ପ୍ଲାଟଫର୍ମ" ପ୍ରାରମ୍ଭିକ ନିର୍ବାଚନରେ "ଭେଣ୍ଟେ ଭେନେଜୁଏଲା" ପକ୍ଷରୁ ପ୍ରାର୍ଥୀ ଥିଲେ, କିନ୍ତୁ ୩୦ ଜୁନ ୨୦୨୩ ରେ ଭେନେଜୁଏଲାର ନିୟନ୍ତ୍ରକ ଜେନେରାଲ ତାଙ୍କୁ ପନ୍ଦର ବର୍ଷ ପାଇଁ ଅଯୋଗ୍ୟ ଘୋଷଣା କଲେ । ପ୍ରାରମ୍ଭିକ ନିର୍ବାଚନରେ ବିଜୟ ପାଇବା ପରେ ସେ ୨୦୨୪ ର ରାଷ୍ଟ୍ରପତି ନିର୍ବାଚନ ପାଇଁ ବିପକ୍ଷ ପ୍ରାର୍ଥୀ ଘୋଷିତ ହେଲେ, କିନ୍ତୁ ୨୨ ମାର୍ଚ୍ଚ ୨୦୨୪ ରେ ତାଙ୍କ ସ୍ଥାନରେ କୋରିନା ୟୋରିସଙ୍କୁ ପ୍ରାର୍ଥୀ କରାଗଲା । ୟୋରିସଙ୍କୁ ପ୍ରାର୍ଥୀ ଭାବେ ନାମ ପଞ୍ଜୀକରଣ କରିବାକୁ ନିଷେଧ କରାଗଲା ଏବଂ ଅସ୍ଥାୟୀ ଭାବେ ଏଡମୁଣ୍ଡୋ ଗୋନଜାଲେଜ ଉରୁଟିଆ ତାଙ୍କ ସ୍ଥାନରେ ପ୍ରାର୍ଥୀ ହେଲେ ।

## ହିଂସାର ଶିକାର

ଦ ନ୍ୟୁୟର୍କ ଟାଇମ୍ସ ଅନୁସାରେ "ଭେନେଜୁଏଲାରେ ରହି ରାଜନୈତିକ ସଂଘର୍ଷ କରିବା ବାବଦରେ ମାରିଆ ଅଦମ୍ୟ ସାହାସ ଦେଖାଇଥିଲେ । ଯେତେବେଳେ ଭୟରେ ଅନ୍ୟାନ୍ୟ ରାଜନେତାମାନେ ଦେଶ ଛାଡ଼ି ଯାଇଥିଲେ, ସେତେବେଳେ ହିଂସାର ଶିକାର ହୋଇ ମଧ୍ୟ ସେ ସରକାରଙ୍କ ଏକଛତ୍ରବାଦ ବିରୋଧରେ ଅଭିଯାନ ଚଳାଇଥିଲେ । ତେଣୁ ମାରିଆଙ୍କୁ "ଆଇରନ୍ ଲେଡି" ବୋଲି ବର୍ଣ୍ଣନା କରାଯାଇଛି । ୨୦୧୧ ଜୁଲାଇ ୫ ତାରିଖରେ ଭେନେଜୁଏଲାର ସ୍ୱାଧୀନତା ଘୋଷଣାର ଦ୍ୱିଶତବାର୍ଷିକ ଉତ୍ସବରେ ଯୋଗଦେବା ବେଳେ, ଭେନେଜୁଏଲାର କ୍ୟୁବା ଉପରେ ନିର୍ଭରଶୀଳତାକୁ ନେଇ ସେ କିଛି ବିବାଦସ୍ପଦ ମତାମତ ଦେଇଥିଲେ । ଏହା ପରେ ସରକାରପକ୍ଷର ଏକ ଦଳ ତାଙ୍କୁ ଆକ୍ରମଣ କରିଥିଲେ । ନିଜର ଅଦମ୍ୟ ସାହସ ଓ ଦେଶ ପାଇଁ କରିଥିବା କାର୍ଯ୍ୟ ପାଇଁ ମାରିଆଙ୍କୁ ଅନେକ ସମ୍ମାନରେ ସମ୍ମାନୀତ କରାଯାଇଛି । ବର୍ତ୍ତମାନ ତାଙ୍କୁ ନୋବେଲ ପ୍ରଦାନ କରାଯାଇ ଶାନ୍ତିର ସେ ଦୂତ ବୋଲି ସାରା ବିଶ୍ୱ ସ୍ୱୀକାର କରିଛି ।



## ସମ୍ମାନ

- ମାରିଆଙ୍କୁ ୨୦୦୬ ମସିହାରେ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ନ୍ୟାସନାଲ ରିଭ୍ୟୁ ପତ୍ରିକା ଦ୍ୱାରା ବିଶ୍ୱର ବିଭିନ୍ନ ସ୍ଥାନରେ ଦୁର୍ଦ୍ଦିନରେ ସମ୍ମୁଖୀନ ହେଉଥିବା ସମଗ୍ର ନାରୀଜାତିର ଶ୍ରେଷ୍ଠ ପ୍ରତୀକ ଭାବେ ମାରିଆଙ୍କୁ ସମ୍ମାନିତ କରାଯାଇଥିଲା ।
- ୨୦୧୫ ମସିହାରେ ଅନ୍ୟ ଦୁଇଜଣଙ୍କ ସହିତ ମାରିଆଙ୍କୁ ମୌଳିକ ମାନବାଧିକାର ପାଇଁ ଥିବା ତାଙ୍କ ଅବଦାନକୁ ସମ୍ମାନିତ କରାଯାଇଥିଲା । ଏଥିପାଇଁ ତାଙ୍କୁ କାଡିଜ୍ କୋର୍ଟେସ୍ ଇବେରୋ-ଅମେରିକାନ ଫ୍ରିଡମ୍ ପ୍ରାଇଜ୍ ପ୍ରଦାନ କରାଯାଇଥିଲା ।
- ଏଡମୁଣ୍ଡୋ ଗୋଞ୍ଜାଲେଜ୍ ଓ ମାରିଆଙ୍କୁ ୨୪ ଅକ୍ଟୋବର ୨୦୨୪ରେ ୟୁରୋପିୟ ସଂସଦ ଦ୍ୱାରା ସାଖାରୋଭ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ସଭାରେ ମାରିଆଙ୍କୁ ଭେନେଜୁଏଲାର ଲୋକମାନଙ୍କ ପକ୍ଷରୁ ସ୍ୱାଧୀନତା ଓ ଲୋକତନ୍ତ୍ରର ପୁନସ୍ଥାପନ ପାଇଁ ଲଢୁଥିବା ପ୍ରତିନିଧି ଭାବେ ସମ୍ମାନିତ କରାଯାଇଥିଲା । ଏହା ତାଙ୍କର ସର୍ବଶ୍ରେଷ୍ଠ ସମ୍ମାନ ବୋଲି ସେ ଅନେକଥର ମତ ଦେଇଛନ୍ତି ।
- ୧୦ ଅକ୍ଟୋବର ୨୦୨୫ ରେ, ତାଙ୍କୁ ବିଶ୍ୱର ସର୍ବଶ୍ରେଷ୍ଠ ସମ୍ମାନ ନୋବେଲ ଶାନ୍ତି ପୁରସ୍କାର ଦିଆଯିବା ନେଇ ଘୋଷଣା କରାଯାଇଛି ।

ପୁରସ୍କାର ପାଇବା ପରେ ମାରିଆଙ୍କ ମନୋଭାବ ସମସ୍ତଙ୍କ ମନକୁ ବେଶ ପାଇଥିଲା । ସେ ନିଜ ପୁରସ୍କାରକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଉତ୍ସର୍ଗ କରିଥିଲେ । ଏହି ସମୟରେ ଭେନେଜୁଏଲାରେ ଗଣତନ୍ତ୍ର ପ୍ରତିଷ୍ଠା ଦିଗରେ ଟ୍ରମ୍ପଙ୍କ ଗୁରୁତ୍ୱପୂର୍ଣ୍ଣ ସମର୍ଥନ ତାଙ୍କୁ ସବୁବେଳେ ଉତ୍ସାହିତ କରିଛି ବୋଲି ମତ ଦେଇଥିଲେ ।





# ଆଲୋକର ପର୍ବ

ହିନ୍ଦୁମାନଙ୍କ ପାଇଁ ଦୀପାବଳି ଏକ ମୁଖ୍ୟ ପର୍ବ ଯାହା ଘରେ ନାନାଦି ପାରମ୍ପରିକ ଢଙ୍ଗରେ ପାଳନ କରାଯାଇଥାଏ । ଅମଳ ଋତୁ ଉପନୀତ ହୁଅନ୍ତେ ଶସ୍ୟକ୍ଷେତ୍ର ସମେତ ଜନବସତିରେ କୀଟ ପତଙ୍ଗଙ୍କ ସଂଖ୍ୟା ବୃଦ୍ଧି ପାଏ । କାର୍ତ୍ତିକ ମାସର ଅମାବାସ୍ୟା ଆଡକୁ ଏମାନଙ୍କ ସଂଖ୍ୟା ଏତେ ବୃଦ୍ଧି ପାଏ ଯେ ବିଶେଷ କରି ରାତ୍ରୀ ସମୟରେ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼େ । ତେଣୁ ଅମାବାସ୍ୟା ପୂର୍ବ ପରକୁ ମିଶାଇ ପାଞ୍ଚ ଦିନ ମଶାଲ, ଦିହୁରୀ, ଦୀପ, ଲଣ୍ଠନ ଆଦି ଜଳାଇ ପୋକଙ୍କୁ ଆକୃଷ୍ଟ କରି ଦମନ କରାଯାଏ, ଯାହା ଦୀପାବଳି ପାଳନର ଏକ ବ୍ୟାଖାନ । ଦୀପାବଳୀରେ ସମଗ୍ର ଭାରତରେ ଦିବ୍ୟ ଜନନୀଙ୍କର ନାନା ରୂପରେ ପୂଜା କରାଯାଏ । ବଙ୍ଗଳା, ଆସାମ, ଓଡ଼ିଶା ଓ ବିହାରରେ ଦୀପାବଳୀରେ ମା କାଳୀଙ୍କ ପୂଜା କରାଯାଏ । କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ ମଧ୍ୟ ରାତ୍ରୀରୁ ତାନ୍ତ୍ରିକ ଓ ଶାକ୍ତ ମତରେ ଦେବୀଙ୍କର ପୂଜା ହୁଏ ।

**ଆଲୋକର ପର୍ବ ଦୀପାବଳିକୁ ପାଳିବାକୁ ସମସ୍ତେ ବର୍ଷସାରା ଉତ୍କଣ୍ଠାର ସହିତ ଅପେକ୍ଷା କରିଥାଆନ୍ତି । ଏହିଦିନକୁ ସମସ୍ତେ ନିଜନିଜର ପରିବାର ସହିତ ବେଶ ହସଖୁସିର ପାଳନ କରିଥାଆନ୍ତି । ସେହିଭଳି ଓଡ଼ିଆ ପରମ୍ପରାରେ ଏହି ଦିନ ପିତୃପୁରୁଷଙ୍କ ମନେପକାଇବାର ପ୍ରଥା ମଧ୍ୟ ପାଳନ ହୋଇଥାଏ ।**

ମାଟିରେ ତିଆରି ମୂର୍ତ୍ତି ସହ ବିଭିନ୍ନ ଶକ୍ତି ପୀଠରେ ଏହା ପାଳିତ ହୁଏ । ସେହିପରି ଭାରତର ଅନ୍ୟାନ୍ୟ ଅଂଶରେ ଦୀପାବଳୀ ଲକ୍ଷ୍ମୀ ପୂଜାର ସମୟ । ବିଶେଷ କରି, ଉତ୍ତର ଭାରତରେ ମହାଲକ୍ଷ୍ମୀଙ୍କ ରୂପରେ ଦେବୀଙ୍କ ଆରାଧନା କରାଯାଏ । ଏହି ସବୁ ଅଞ୍ଚଳରେ ଏହା ଏକ ମୁଖ୍ୟ ପର୍ବ ରୂପେ ପାଳିତ ହୁଏ । ମିଥିଳା ଓ ନେପାଳରେ ଏହି ପର୍ବରେ ମହାନିଶାଙ୍କ ପୂଜା କରାଯାଏ । ଘରେ ଘରେ ସେଦିନ ଦୀପ ଜଳେ, ବାଣ ଫୁଟାଯାଏ । ଶ୍ରାଦ୍ଧ କରାଯାଏ । ପିଠାପଣା ହୁଏ । ଦୀପାବଳୀ ଉତ୍ସବ ପାଳନ ବିଷୟରେ ନାନାପ୍ରକାର ପୁରାଣ ଓ ଲୋକକଥା ଶୁଣାଯାଏ । ଏହି ଦୀପାବଳୀ ଅମାବାସ୍ୟାକୁ ଲୋକୋକ୍ତିରେ ପୟାଅମାବାସ୍ୟା କହନ୍ତି ।



## କିମ୍ବ ଦନ୍ତୀ


କୀମ୍ବଦନ୍ତୀର ବର୍ଣ୍ଣନା ଅନୁସାରେ ସତ୍ୟଯୁଗରେ ପ୍ରଭୁ ରାମଚନ୍ଦ୍ର ରାବଣକୁ ମାରି ସୀତାଙ୍କୁ ଉଦ୍ଧାର କରି ଅଯୋଧ୍ୟା ଫେରିଲେ । ଅଯୋଧ୍ୟାର ସମସ୍ତ ନରନାରୀ ଶ୍ରୀରାମଙ୍କ ଅସତ୍ୟ ଉପରେ ସତ୍ୟର ବିଜୟ ନିମନ୍ତେ ଆନନ୍ଦରେ ବିଭିନ୍ନ ପ୍ରକାର ଆଲୋକ ଜଳେଇଥିଲେ । ସେହି ଦିନରୁ ଏହି ଉତ୍ସବ ପାଳନ କରାଯାଉଛି । ଉତ୍ତର ଭାରତରେ ପୁରୁଷୋତ୍ତମ ରାମଚନ୍ଦ୍ରଙ୍କର ଭକ୍ତମାନେ ଏହିଦିନଟିକୁ ବହୁ ଯାକଜମକରେ ପାଳନ କରନ୍ତି । ସେହିଭଳି ଅନ୍ୟ ଏକ ବର୍ଣ୍ଣନା ଅନୁସାରେ ଦୈତ୍ୟରାଜ ବଳି ମହାଦାନୀ ଥିଲେ । ସେ ଏପରି ଦାନ କଲେ ଯେ ସ୍ୱର୍ଗର ଦେବତାମାନଙ୍କ ମଧ୍ୟରେ ଭାଳେଣି ପଡ଼ିଗଲା , କାରଣ ତାଙ୍କର ପୂଣ୍ୟ ଫଳରେ ସେ ସ୍ୱର୍ଗପୁରର ଅଧିକାରୀ ହେଇପାରନ୍ତି । ଏଣୁ ଦେବତାମାନଙ୍କ କଥା ରକ୍ଷାକରି ବିଷ୍ଣୁ ବାମନ ଅବତାର ଗ୍ରହଣ କରି ବଳିରାଜଙ୍କ ପାଖରେ ପହଞ୍ଚି ତାଙ୍କୁ ତିନିପାଦ ଭୂମି ମାଗିଥିଲେ । ଗୋଟିଏ ପାଦରେ ପୃଥିବୀ, ଗୋଟିଏ ପାଦରେ ସ୍ୱର୍ଗ ଏବଂ ତୃତୀୟ ପାଦରେ ବଳିଙ୍କୁ ପାତାଳକୁ ଚାପିଦେଲେ । ତେଣୁ ସେ ପାତାଳ ପୁରକୁ ଚାଲିଗଲେ । ତା' ପରେ ବଳିଙ୍କ ପ୍ରାର୍ଥନା ଶୁଣି ପାତାଳରେ ବଳିକୁ ରାଜା କରିଦେଲେ । ବର୍ଷକରେ ଥରେ ମର୍ତ୍ତ୍ୟପୁରକୁ ଆସି ପ୍ରଜାମାନଙ୍କୁ ଦେଖିବାକୁ ବଳି ବର ମାଗନ୍ତେ ବିଷ୍ଣୁ ଏଥିରେ ସମ୍ମତି ଜଣାଇ କାର୍ତ୍ତିକ ଶୁକ୍ଳ ପ୍ରତିପଦା ଦିନ ଦିନ ବଳି ମର୍ତ୍ତ୍ୟକୁ ଆସିବାକୁ ତଥାସ୍ତୁ କହିଲେ । ତେଣୁ ସେଦିନକୁ ମର୍ତ୍ତ୍ୟବାସୀ ଆନନ୍ଦର ଦୀପ ଜାଳି ଆଲୋକିତ କରନ୍ତି । ଯାହା ଦୀପାବଳି ଭାବେ ପାଳିତ ହୋଇଥାଏ । ଏହି ପରି ଭିନ୍ନ ପୂରାଣରେ ଭିନ୍ନଭିନ୍ନ ବର୍ଣ୍ଣନା ରହିଛି । ଓଡ଼ିଶାରେ ଖୁବ ଧୂମଧାମରେ ଦୀପାବଳିକୁ ପାଳନ କରିଥାଆନ୍ତି । ଏହିଦିନ କାଉଁରିଆ କାଠି ଜଳାଯିବା ସହିତ ପିତୃପୁରୁଷଙ୍କ ଶ୍ରାଦ୍ଧ ଅର୍ପଣ କରାଯାଇଥାଏ । ଘରେଘରେ ପିଠାପଣା ଓ ରଙ୍ଗୋଲି ପଡିଥିବାର ଦେଖିବାକୁ ମିଳିଥାଏ । ସମସ୍ତେ ନିଜନିଜର ପରିବାର ସହିତ ଏହି ପର୍ବକୁ ଆନନ୍ଦ ଉଲ୍ଲାସର ସହିତ ପାଳନ କରିଥାଆନ୍ତି ।

**ବିଶ୍ୱର ନମ୍ବର ୧ କ୍ରିକେଟର ବିରାଟ କୋହଲି । ସେ ସବୁଠାରୁ ଅଧିକ ଦରମା ନେଉଥିବା ଖେଳାଳିଙ୍କ ମଧ୍ୟରୁ ଜଣେ । ସେ କେବଳ କ୍ରିକେଟ ପଡ଼ିଆରେ ତାଙ୍କର ପ୍ରଭାବଶାଳୀ ପ୍ରଦର୍ଶନ ପାଇଁ ଜଣାଶୁଣା ତା ନୁହନ୍ତି ବରଂ ବିଳାଷପୂର୍ଣ୍ଣ ଲାଇଫଷ୍ଟାଇଲ ପାଇଁ ମଧ୍ୟ ପରିଚିତ ।**

# କୋହଲିଙ୍କ ସମ୍ପତ୍ତି



କୋହଲି ଏକ ଜେନେରାଲ୍ ପାୱାର ଅଫ୍ ଆଟର୍ଣ୍ଣି ମାଧ୍ୟମରେ ତାଙ୍କର ଗୁରୁଗ୍ରାମ ସମ୍ପତ୍ତିକୁ ବଡ଼ ଭାଇ ବିକାଶ କୋହଲିଙ୍କୁ ହସ୍ତାନ୍ତର କରିଥିଲେ । ତେବେ ଆସନ୍ତୁ ଜାଣିବା ବିରାଟ କୋହଲିଙ୍କର ଦେଶ-ବିଦେଶରେ କେତେ ରହିଛି ସମ୍ପତ୍ତି ? ଗୁରୁଗ୍ରାମର ଡକଏ ଫେଜ୍ ୧ରେ ରହିଛି ଏକ ଆଲିସାନ୍ ଭିଲ୍ଲା ବା ପ୍ରାସାଦ । ଏହା ୧୦ ହଜାର ବର୍ଗଫୁଟରେ ବିସ୍ତୃତ । ଏହି ପ୍ରାସାଦ ବିରାଟ କୋହଲିଙ୍କ ସବୁଠାରୁ ବିଳାସପୂର୍ଣ୍ଣ ସମ୍ପତ୍ତି ମଧ୍ୟରୁ ଗୋଟିଏ । ଏଥିରେ ଏକ ପ୍ରାଇଭେଟ୍ ସୁଇମିଂ ପୁଲ୍ ଏବଂ ଏକ ମଡର୍ଣ୍ଣ ଜିମ୍ ମଧ୍ୟ ରହିଛି । ବିରାଟ କୋହଲି ଏହି ସମ୍ପତ୍ତିକୁ ତାଙ୍କ ବଡ଼ ଭାଇ ବିକାଶ କୋହଲିଙ୍କୁ ଦେଇଛନ୍ତି । ଏହି ପ୍ରାସାଦର ମୂଲ୍ୟ ୮୦ କୋଟି ଟଙ୍କା । କୋହଲିଙ୍କର ମୁମ୍ବାଇରେ ଏକ ଆପାର୍ଟମେଣ୍ଟ ରହିଛି । ଏହା ବର୍ଲିର ଓମକାର ୧୯୭୩ ଟାଓ୍ୱାର୍ସରେ ରହିଛି । ଏହି ଆପାର୍ଟମେଣ୍ଟ ୭,୧୭୧ ବର୍ଗଫୁଟର ସି ଫିସିଙ୍ଗ । ଯାହାର ଦାମ୍ ୩୪ କୋଟି ଟଙ୍କା । ଏହି ଆପାର୍ଟମେଣ୍ଟ ୩୫ତମ ମହଲାରେ ଅବସ୍ଥିତ ଏବଂ ଏଥିରେ ଚାରୋଟି ବେଡ ରୁମ୍, ଏକ ଟେରାସ୍ ଗାର୍ଡେନ ଏବଂ ଏକ ଘରୋଇ ଜିମ୍ ରହିଛି । ବିରାଟ କୋହଲି ଏବଂ ତାଙ୍କ ପନିୀ ଅନୁଷ୍କା ଶର୍ମା ଏଠାରେ ହିଁ ଅଧିକାଂଶ ସମୟ ବିତାଇଥାନ୍ତି । ବିରାଟ କୋହଲି ଆଲିବାଗର ଆବାସ ଭିଲେଜରେ ଏକ ଶାନ୍ତ ହଲିଡେ ବଙ୍ଗଳା ମଧ୍ୟ କିଣିଛନ୍ତି । ସହରୀ ଜୀବନର କୋଳାହଳଠାରୁ ଦୂରରେ ଥିବା ଏହି ସ୍ଥାନଟିକୁ ଛୁଟି କାଟିବା ପାଇଁ ଚୟନ କରାଯାଇଛି । ଏହାର ଦାମ୍ ୩୨ କୋଟି । ବିଗତ ବର୍ଷରେ ବିରାଟ କୋହଲି ଏବଂ ଅନୁଷ୍କା ଶର୍ମା ଲଣ୍ଡନରେ ବହୁତ ସମୟ ବିତାଇଛନ୍ତି । ରିପୋର୍ଟ ଅନୁଯାୟୀ, ଦମ୍ପତିଙ୍କ ନଟିଂ ହିଲ୍ କିମ୍ବା ସେଣ୍ଟ ଜନ୍ସ ଉଡ୍ ଭଳି ମହଙ୍ଗା ଅଞ୍ଚଳରେ ଏକ ଘର ମଧ୍ୟ ଅଛି ।





## ଆରସିବି ପାଇଁ ଖେଳିବେନି ବିରାଟ !

ଟେଷ୍ଟ ଏବଂ ଟି-୨୦ ଅନ୍ତର୍ଜାତୀୟରୁ ଅବସର ନେବା ପରେ ଭାରତୀୟ କ୍ରିକେଟର୍ ବିରାଟ କୋହଲିଙ୍କ ଭବିଷ୍ୟତକୁ ନେଇ ଅନିଶ୍ଚିତତା ରହିଛି । ଯଦିଓ ସେ ୨୦୨୭ରେ ବିଶ୍ୱକପ୍ ଖେଳିବାକୁ ଇଚ୍ଛା ପ୍ରକାଶ କରିଛନ୍ତି ତଥାପି ସେ ପରବର୍ତ୍ତୀ ଓଡିଆଇ ବିଶ୍ୱକପ୍ ରେ ଭାରତ ପାଇଁ ଖେଳିପାରିବେ କି ନାହିଁ ତାହା ଅନିଶ୍ଚିତ । ତେବେ ଏବେ ସୋସିଆଲ୍ ମିଡିଆରେ କିନ୍ତୁ ଆଇପିଏଲ୍କୁ ନେଇ ଏକ ଚର୍ଚ୍ଚା ଜୋର୍ ଧରିଛି । ସୋସିଆଲ ମିଡିଆରେ ଗୁଜବ ଉଠିଛି ଯେ କିଙ୍ଗ୍ କୋହଲି ଆସନ୍ତା ବର୍ଷ ପାଇଁ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବା ଆରସିବିର ବାଣିଜ୍ୟିକ ଚୁକ୍ତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି । କିଛି ପ୍ରଶଂସକ ଅନୁମାନ କରୁଛନ୍ତି ଯେ କୋହଲି ଫ୍ରାଞ୍ଚାଇଜ୍ ଛାଡିବାର ସମ୍ଭାବନା ଅଛି । ତେବେ ଏନେଇ କୋହଲିଙ୍କଠାରୁ କୌଣସି ବୟାନ ରେକର୍ଡ କରାଯାଇନାହିଁ । ଯଦି ପୂର୍ବତନ ଭାରତୀୟ କ୍ରିକେଟର୍ ମହମ୍ମଦ କୈଫଙ୍କ କଥାକୁ ବିଶ୍ୱାସ କରାଯାଏ, ତେବେ କୋହଲି ଆଇପିଏଲରେ ଆରସିବିବି ପାଇଁ ଖେଳିବାର ଦେଖାଯିବେ । ମହମ୍ମଦ କୈଫ୍ ଏକ ଭିଡିଓରେ କହିଛନ୍ତି, ବିରାଟ କୋହଲି କ'ଣ ଆଇପିଏଲରୁ ଅବସର ନେଉଛନ୍ତି? ନା, ସେ ବେଙ୍ଗାଲୁରୁ ପାଇଁ ତାଙ୍କର ପ୍ରଥମ ଏବଂ ଶେଷ ମ୍ୟାଚ୍ ଖେଳିବାକୁ ପ୍ରତିଶ୍ରୁତି ଦେଇଥିଲେ । ସେ କେବେ ବି ପଛକୁ ହଟିବେ ନାହିଁ । କିନ୍ତୁ ଲୋକମାନେ କହୁଛନ୍ତି ଯେ ସେ ଏକ ବାଣିଜ୍ୟିକ ଚୁକ୍ତି ସ୍ୱାକ୍ଷର କରିନାହାଁନ୍ତି । ଦୁଇଟି ଚୁକ୍ତି ଅଛି । ଏକ ଖେଳାଳି ଚୁକ୍ତି ଏବଂ ଏକ ବାଣିଜ୍ୟିକ ଚୁକ୍ତି । କୈଫ ଭାବନ୍ତି ଯେ ଆରସିବି ଏକ ନୂତନ ମାଲିକ ପାଇପାରେ । ସେମାନେ ଫ୍ରାଞ୍ଚାଇଜିକୁ ନିୟନ୍ତ୍ରଣ କରିବେ । ତେଣୁ ସେ ଅପେକ୍ଷା କରିଛନ୍ତି । ଯଦି କୌଣସି ପରିବର୍ତ୍ତନ ହୁଏ, ତେବେ ଆଲୋଚନା ହେବ । ଏଗୁଡ଼ିକ ସବୁ ପରଦା ପଛରେ ଥିବା କଥା, ଆମେ ସେଗୁଡ଼ିକ ବିଷୟରେ ଅଧିକ ଜାଣି ନାହୁଁ । ସେ ଏସବୁ ଘଟିବାକୁ ଅପେକ୍ଷା କରିଛନ୍ତି ।



# ୨୦ ବର୍ଷ ପରେ ଭାରତକୁ ଆୟୋଜନ ଅଧିକାର

ଭାରତକୁ ପୁଣି ଥରେ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ କରିବାର ଅଧିକାର ମିଳିଛି । ଭାରତ ଶେଷ ଥର ପାଇଁ ୨୦୧୦ରେ ନୂଆଦିଲ୍ଲୀରେ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ କରିଥିଲା । ଏବେ ୨୦୩୦ରେ ଗୁଜରାଟର ଅହମ୍ମଦାବାଦକୁ ଆୟୋଜନ ଅଧିକାର ଦିଆଯାଇଛି । ଏହାର ଅର୍ଥ ହେଉଛି ୨୦ ବର୍ଷ ପରେ ଭାରତୀୟ କ୍ରୀଡା ପ୍ରେମୀମାନେ ପୁଣି ଥରେ ଭାରତରେ ବିଭିନ୍ନ ଖେଳ ପ୍ରତିଯୋଗିତାକୁ ଉପଭୋଗ କରିବାର ସୁଯୋଗ ପାଇବେ । ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡା ପାଇଁ ଭାରତର ଅହମ୍ମଦାବାଦକୁ ଆୟୋଜକ ଭାବରେ ମନୋନୀତ କରାଯାଇଛି । କମନେଓ୍ୱଲଥ୍ ଏକ୍ସିକ୍ୟୁଟିଭ୍ ବୋର୍ଡ ସ୍ପଷ୍ଟ କରିଛି । ବୋର୍ଡ ଏବେ ଗ୍ଲାସଗୋରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡା ସାଧାରଣ ପରିଷଦରେ ଫୁଲ୍ ମେମ୍ବର କମନେଓ୍ୱଲଥ୍ ସ୍ପୋର୍ଟ୍ସ ମେମ୍ବରଶିପ୍ ସାମନାରେ ନିଜ ସୁପାରିଶ ଉପସ୍ଥାପନ କରିବ । ଅହମ୍ମଦାବାଦ ନାଁରେ ଏହି ଉପଲବ୍ଧି ପରେ ଗୃହମନ୍ତ୍ରୀ ଅମିତ ଶାହ ଏକ୍ସରେ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା କରିଛନ୍ତି । ଏହା ଭାରତ ପାଇଁ ଗର୍ବର ମୁହୂର୍ତ୍ତ ବୋଲି ସେ କହିଛନ୍ତି । ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ମଧ ଏହାକୁ ଭାରତ ଏବଂ ଗୁଜରାଟ ଉଭୟ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି କହି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରୟାସକୁ ପ୍ରଶଂସା କରିଛନ୍ତି । ଗୃହମନ୍ତ୍ରୀ ଅମିତ ଶାହ ଏକ୍ସରେ ଲେଖିଛନ୍ତି, ଭାରତ ପାଇଁ ଏକ ଅତ୍ୟନ୍ତ ଆନନ୍ଦ ଏବଂ ଗର୍ବର ଦିନ । ଅହମ୍ମଦାବାଦରେ ୨୦୩୦ରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ କରିବା ପାଇଁ ଭାରତର ଦାବିକୁ ରାଜ୍ୟଗୋଷ୍ଠୀ ସଂଘ ଅନୁମୋଦନ କରିଥିବାରୁ ଭାରତର ପ୍ରତ୍ୟେକ ନାଗରିକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ଭାରତକୁ ସ୍ଥାନିତ କରିବା ପାଇଁ ନିରନ୍ତର ପ୍ରୟାସ ଫଳ । ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ପାଇଁ ଭାରତ ନାଇଜେରିଆ ସହ ପ୍ରତିଯୋଗିତା କରୁଥିଲା । କିନ୍ତୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଭବିଷ୍ୟତ କ୍ରୀଡ଼ା ପାଇଁ ଆଫ୍ରିକୀୟ ଦେଶର ଆୟୋଜକ ମହତ୍ତ୍ୱାକାଂକ୍ଷାକୁ ସମର୍ଥନ ଏବଂ ତ୍ୱରାନ୍ୱିତ କରିବା ପାଇଁ ଏକ ରଣନୀତି ବିକଶିତ କରିବାକୁ ନିଷ୍ପତ୍ତି ନେଇଛି । ୨୦୩୪ କ୍ରୀଡ଼ା ଆୟୋଜନ କରିବା ବିଷୟରେ ବିଚାର କରାଯାଉଛି ।




# ହର୍ଷିତଙ୍କୁ ନେଇ ମୁହାଁମୁହିଁ

ଯୁବ କ୍ରିକେଟ ଖେଳାଳି ହର୍ଷିତ ରାଣାଙ୍କୁ ନେଇ ମୁହାଁମୁହିଁ ହେଲେ ଦୁଇ ଭାରତୀୟ କ୍ରିକେଟ ଖେଳାଳି । ଜଣେ ହେଉଛନ୍ତି କେ ଶ୍ରୀକାନ୍ତ ଓ ଅନ୍ୟ ଜଣେ ହେଉଛନ୍ତି ଭାରତୀୟ କ୍ରିକେଟ ଦଳର ପ୍ରଶିକ୍ଷକ ଗୌତମ ଗମ୍ଭୀର । କିଛି ଦିନ ପୂର୍ବେ ଶ୍ରୀକାନ୍ତ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲ ମାଧ୍ୟମରେ ହର୍ଷିତ ରାଣାଙ୍କୁ ଅଷ୍ଟ୍ରେଲିଆ ଗସ୍ତରେ ସାମିଲ କରିବାର ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇଥିଲେ । ସେ ଦାବି କରିଥିଲେ ଯେ ରାଣାଙ୍କୁ କେବଳ ଗମ୍ଭୀରଙ୍କ ପ୍ରିୟ ଖେଳାଳି ହୋଇଥିବାରୁ ଦଳରେ ସାମିଲ କରାଯାଇଥିଲା । ଶ୍ରୀକାନ୍ତଙ୍କ ବୟାନର ଏକ ଭିଡିଓ କ୍ଲିପ୍ ଭାଇରାଲ ହୋଇଥିଲା । ଏବେ ଏହାର ଜବାବ ଦେଇଛନ୍ତି ଗୌତମ । ଗମ୍ଭୀର କହିଛନ୍ତି ଯେ ୨୩ ବର୍ଷୀୟ ଉଦୀୟମାନ କ୍ରିକେଟରଙ୍କୁ ଟାର୍ଗେଟ କରିବା



ଲଜ୍ଜାଜନକ । ଦ୍ୱିତୀୟରେ ଟେଷ୍ଟ ସମାପ୍ତ ହେବା ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଗୌତମ ଗମ୍ଭୀର କହିଛନ୍ତି, ଏହା ଲଜ୍ଜାଜନକ ଯେ ଆପଣ କେବଳ ଆପଣଙ୍କର ୟୁଟ୍ୟୁବ୍ ଚ୍ୟାନେଲ୍ ଚଲାଇବା ପାଇଁ ଜଣେ ୨୩ ବର୍ଷୀୟ ଖେଳାଳିଙ୍କୁ ଟାର୍ଗେଟ କରୁଛନ୍ତି । ହର୍ଷିତଙ୍କ ବାପା ପୂର୍ବତନ ଅଧ୍ୟକ୍ଷ, ପୂର୍ବତନ କ୍ରିକେଟର କିମ୍ବା ପ୍ରବାସୀ ଭାରତୀୟ ନୁହଁନ୍ତି । ସେ ନିଜ ଯୋଗ୍ୟତାରେ କ୍ରିକେଟ୍ ଖେଳୁଛନ୍ତି ଏବଂ ଏପରି କରି ଚାଲିବେ । ଯଦି ଆପଣ ସୋସିଆଲ ମିଡିଆରେ ୨୩ ବର୍ଷୀୟ ଖେଳାଳିଙ୍କ ବିଷୟରେ ଏପରି କଥା କୁହନ୍ତି, ତେବେ ଏହା ତାଙ୍କ ମାନସିକତା ଉପରେ କ'ଣ ପ୍ରଭାବ ପକାଇବ?

# ମିସେସ୍ ସକ୍ସେସ ଶେରୀ

ଭାରତ ପ୍ରଥମଥର ପାଇଁ ମିସେସ୍ ୟୁନିଭର୍ସରେ ବାଜି ମାରିଛି । ପ୍ରଥମଥର ପାଇଁ ଶେରୀ ସିଂ ନାମକ ଜଣେ ମହିଳା ଏହି ମୁକୁଟ ପିନ୍ଧିବାରେ ସଫଳ ହୋଇଛନ୍ତି, ଯାହା ବର୍ତ୍ତମାନ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି ।




ନିକଟରେ ଘୋଷଣା ହୋଇଛି ମିସେସ୍ ୟୁନିଭର୍ସ ପ୍ରତିଯୋଗିତାର ଫଳାଫଳ । ଏଥିରେ ବାଜିମାରିଛନ୍ତି ଶେରୀ ସିଂ ନାମକ ଜଣେ ମହିଳା । ଏହି ପ୍ରିତିଯୋଗିତା ଜିତିବାରେ ସେ ପାଲଟିଛନ୍ତି ପ୍ରଥମ ବିବାହିତା ମହିଳା । ୪୮ ଥର ପାଇଁ ଫିଲିପିନ୍ସରେ ଆୟୋଜିତ ହୋଇଥିବା ଏହି ପ୍ରତିଯୋଗିତାରେ ଭାରତ ଏଥର ବିଶ୍ୱ ବିଜେତା ହୋଇଛି । ଯାହା ପୂରା ଦେଶପାଇଁ ଏକ ଗୌରବର ବିଷୟ ପାଲଟିଛି । ଶେରୀ ଜଣେ ମାଆ ହୋଇଥିବାବେଳେ ପୂର୍ବତନ ଜାତୀୟସ୍ତରୀୟ ବାସ୍କେଟବଲ ଖେଳାଳି । ସେ ସବୁବେଳେ ନିଜ ଉପରେ ବିଶ୍ୱାସ ରଖି ଆଗକୁ ବଢିଥାଆନ୍ତି, ଯେଉଁ କାରଣରୁ ଆଜି ତାଙ୍କୁ ଏହି ସଫଳତା ମିଳିପାରିଛି । ଫ୍ୟାଶନ ପାଇଁ ତାଙ୍କର ଇଚ୍ଛା କାହିଁ କେଉଁ କାଳରୁ ରହିଛି । ସେ ଏହି ପ୍ରତିଯୋଗିତାରେ ଭାଗ ନେବା ଆଗରୁ ଏଥିପାଇଁ ନିଜକୁ ଖୁବ ଭଲଭାବେ ପ୍ରଶିକ୍ଷିତ କରିଥିଲେ । ଏହା ଆଗରୁ ସେ ଫ୍ୟାଶନରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି । ସେ ସବୁବେଳେ ମହିଳାମାନଙ୍କର ସଶକ୍ତୀକରଣ ପାଇଁ କାର୍ଯ୍ୟ କରିଥାଆନ୍ତି । ଏହାସହ ସେମାନ କିଭଳି ସବୁ ସ୍ଥାନରେ ଆଗରେ ରହିବେ ସେଥିପାଇଁ ମଧ୍ୟ କାର୍ଯ୍ୟ କରିଥାଆନ୍ତି । ସେହିଭଳି ଏହି ପୁରସ୍କାର ଜିତିବାପରେ ସେ ଏହି କ୍ରାଉନକୁ ଦେଶର ସମସ୍ତ ନାରୀଙ୍କୁ ଉତ୍ସର୍ଗ କରିଥିଲେ । ଯେଉଁମାନେ ସବୁବେଳେ ନିଜ ସ୍ୱପ୍ନ ପୂରଣ କରିବାକୁ ଚେଷ୍ଟିତ ରହିବା ସହିତ କାର୍ଯ୍ୟରତ ରହୁଛନ୍ତି ସେମାନଙ୍କ ପାଇଁ ସେ ନିଜ ପୁରସ୍କାରକୁ ଉତ୍ସର୍ଗୀକୃତ କରିଥିଲେ । ସେହିଭଳି ମହିଳା ସବୁବେଳେ ତାଙ୍କର ପ୍ରେରଣାର ଉତ୍ସ ହୋଇଥାଆନ୍ତି ବୋଲି ସେ ମତ ଦେଇଛନ୍ତି । ୧୯ ୯୦ରେ ଦିଲ୍ଲୀରେ ଜନ୍ମିତ ଶେରୀ ନିଜ ପରିବାର ସହିତ ଲଣ୍ଡନରେ ରହୁଛନ୍ତି । ସେ ନିଜର ଏହି ସଫଳତା ପାଇଁ ସ୍ୱାମୀଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି । ତାଙ୍କ ସ୍ୱାମୀ ସବୁବେଳେ ତାଙ୍କୁ କିଛି ବଡ କରିବାକୁ ପ୍ରେରିତ ଓ ସାହାଯ୍ୟ କରିଥାଆନ୍ତି ବୋଲି ଶେରୀ ମତ ଦେଇଛନ୍ତି । ଶେରୀ ନିଜ ସ୍ୱାମୀଙ୍କ ଭିତରେ ଜଣେ ଭଲ ସାଙ୍ଗ ଦେଖନ୍ତି ବୋଲି ମତ ଦେଇଛନ୍ତି । ଜଣେ ଜାତୀୟସ୍ତରୀୟ ଖେଳାଳିରୁ ଫ୍ୟାଶନ ଇଣ୍ଡଷ୍ଟ୍ରୀରେ ଏତେ ଆଗକୁ ଯିବା ତାଙ୍କ ପାଇଁ ଖୁବ ପରିଶ୍ରମ ପୂର୍ଣ୍ଣ ରହିଥିଲା । ସେ ସବୁବେଳେ ତାଙ୍କ ଆତ୍ମବିଶ୍ୱାସକୁ ଗୁରୁତ୍ୱ ଦେଇଥାଆନ୍ତି ଯେଉଁ କାରଣରୁ ସେ ଆଜି ଏହି ସଫଳତା ପାଇଛନ୍ତି ବୋଲି ଅନେକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି ।